## ସଂକ୍ଷେପରେ

### ପ୍ରଦ୍ୟୁମ୍ନ ହେଲେ ଜିଲା ଯୁବ ବିଜେଡି ଉପସଭାପତି

ଭଦ୍ରକ, ୫।୫ (ସନାତନ ରାଉତ)

ଆଗାମୀ ନିର୍ବାଚନକୁ ଲକ୍ଷ୍ୟ ରଖି ସଙ୍ଗଠନ ବୃଦ୍ଧି ପାଇଁ ଭଦ୍ରକ ଜିଲା ଯୁବ ବିଜେଡି ଉପସଭାପତି ଭାବେ ବନ୍ତ ବ୍ଲକ ପୁରୁଷଣ୍ଡ ପଞ୍ଚାୟତର ଯୁବନେତା ପ୍ରଦ୍ୟୁମ୍ନ ପୁହାଣଙ୍କୁ ମନୋନୀତ କରାଯାଇଛି। ରାଜ୍ୟ ଯୁବ ବିଜେଡି ସଭାପତି ବ୍ୟୋମକେଶ ରାୟଙ୍କ ଅନୁମୋଦନକ୍ରମେ ତାଙ୍କୁ ଏହି ପଦବୀ ମିଳିଛି। ଏଥିପାଇଁ ତାଙ୍କୁ ଭଦ୍ରକର ଏକ ମଣ୍ଡପରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଛି। ଜିଲା ଉପସଭାପତି ପ୍ରଶାନ୍ତ କୁମାର ଦାଶ ଏଥିରେ ସଭାପତିତ୍ୱ କରିଥିଲେ। ଭଣ୍ଡାରିପୋଖରୀ ବିଜେଡି ବିଧାୟକ ପ୍ରାର୍ଥୀ ସଞ୍ଜୀବ କୁମାର ମଲ୍ଲିକ, ଏମ୍‌ପି ପ୍ରାର୍ଥିନୀ ମଞ୍ଜୁଲତା ମଣ୍ଡଳ, ଯୁବ ବିଜେଡି ରାଜ୍ୟ ସମ୍ପାଦକ ସ୍ମୃତିରଞ୍ଜନ ସ୍ୱାଇଁ, ବନ୍ତ ବ୍ଲକ ସଭାପତି ଲକ୍ଷ୍ମୀକାନ୍ତ ମହାନ୍ତି, ସମ୍ପାଦକ ସୁବାସ ଦାସ, ଜିଲା ସମ୍ପାଦକ ଜୈନୁଲ ଆବେଦ୍ଦିନ, ପୁରୁଷଣ୍ଡ ସରପଞ୍ଚ ପ୍ରକାଶ ବିଶ୍ୱାଳ ପ୍ରମୁଖ ଯୋଗଦେଇ ପ୍ରଦ୍ୟୁମ୍ନଙ୍କ ପ୍ରଚେଷ୍ଟାରେ ଜିଲାରେ ଯୁବ ସଙ୍ଗଠନ ସୁଦୃଢ଼ ହେବ ବୋଲି କହିଥିଲେ। ଏହି ପଦବୀ ମିଳିବା ପରେ ସେ ମୁଖ୍ୟମନ୍ତ୍ରୀଙ୍କ ସମେତ ଜିଲାର ସମସ୍ତ ନେତୃତ୍ୱଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଅସୁରାଳି, ୫।୫ (ସନ୍ତୋଷ ପ୍ରଧାନ)

ଧାମନଗର ବ୍ଲକର ଗଡ଼ିଆଳି ଗ୍ରାମରେ ଥିବା ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା ଉତ୍ସବ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ଆବାହକ ରଙ୍ଗାଧର ପରିଡ଼ାଙ୍କ ତତ୍ତ୍ୱାବଧାନରେ ମନ୍ଦିର ପ୍ରାଙ୍ଗଣରେ ଜଗନ୍ନାଥ ସଂସ୍କୃତି ଓ ଆଧ୍ୟାତ୍ମିକ ଆଲୋଚନା କରାଯାଇଥିଲା। ଭକ୍ତି ସଙ୍ଗୀତ ସହ ପାଲା ପରିବେଷଣ ହୋଇଥିଲା। ଶତାଧିକ ଶ୍ରଦ୍ଧାଳୁ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ କରିଥିଲେ। ଏହି ପରିପ୍ରେକ୍ଷୀରେ ଅଧ୍ୟାପକ ରବୀନ୍ଦ୍ର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଧୂଷୁରୀ ପ୍ରେସ୍ ୟୁନିୟନର ସଭାପତି ସନ୍ତୋଷ କୁମାର ଦାସ, ପ୍ରଧାନଶିକ୍ଷକ ମୁରଲୀଧର ମିଶ୍ର, ହୃଷୀକେଶ ରାଉତ, ସହଦେବ ସାହୁ, ଧର୍ମେନ୍ଦ୍ର ବେହେରା, ତାରାକାନ୍ତ ମିଶ୍ର, ବୁଦ୍ଧିରାମ ଦାସ, ଶିକ୍ଷକ ମନୋରଞ୍ଜନ ଗୋସ୍ୱାମୀ ପ୍ରମୁଖ ଜଗନ୍ନାଥ ସଂସ୍କୃତି ଉପରେ ଆଲୋଚନା କରିଥିଲେ।

### କଂଗ୍ରେସର ମିଶ୍ରଣ ପର୍ବ

ଭଣ୍ଡାରିପୋଖରୀ, ୫।୫ (ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ ମାଳଦା ପଞ୍ଚାୟତର ରଘୁନାଥପୁର ଗ୍ରାମରେ କଂଗ୍ରେସର କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ପ୍ରବୋଧ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ କଂଗ୍ରେସ ବିଧାନସଭା ପ୍ରାର୍ଥୀ ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ଜିଲା କଂଗ୍ରେସ ସଭାପତି ସୁବ୍ରତ କୁମାର ଦାସ, ବରିଷ୍ଠ ନେତା ଗୋଲକ ଚନ୍ଦ୍ର ବେହେରା, ବ୍ଲକ କଂଗ୍ରେସ ସଭାପତି ରଜନୀକାନ୍ତ ଚନ୍ଦ, ସରପଞ୍ଚ ଅକ୍ଷୟ କୁମାର ତ୍ରିପାଠୀ, ଯୁବନେତା ପ୍ରଶାନ୍ତ କୁମାର ସାହୁ, ବିଜୟ ଶଙ୍କର ମହାନ୍ତି ପ୍ରମୁଖ ଯୋଗଦେଇ ଦଳର ସାଙ୍ଗଠନିକ ବିସ୍ତାର ସମ୍ପର୍କରେ ଆଲୋଚନା କରିବା ସହ ନିର୍ବାଚନୀ ସଫଳତା ପାଇଁ ସଂକଳ୍ପ କରିଥିଲେ। ଏହି ଅବସରରେ ଅନ୍ୟ ଦଳର ୩୧ ଜଣ କର୍ମୀ କଂଗ୍ରେସରେ ଯୋଗ ଦେଇଛନ୍ତି। ପପୁ ଦାସ ଧନ୍ୟବାଦ ଦେଇଥିଲେ।

# ବେଆଇନ ଇଟାଭାଟି ଯୋଗୁ ବଢୁଛି ଅପରାଧ

- ଖରାରେ ଖଟାଇ ମଜୁରି ନ ଦେଇ ମାଡ଼
- ଶ୍ରମିକଙ୍କୁ ଆକ୍ରମଣ ନେଇ ଥାନାରେ ମାମଲା

ଧାମନଗର, ୫।୫ (ସନ୍ତୋଷ କୁମାର ମହାପାତ୍ର)

ଧାମନଗର ତହସିଲ ଅଧୀନ ବିଭିନ୍ନ ସ୍ଥାନରେ ଚାଲିଥିବା ବେଆଇନ ଇଟାଭାଟି ଯୋଗୁ ସ୍ଥାନୀୟ ଅଞ୍ଚଳରେ ଅପରାଧ ବଢ଼ିବାରେ ଲାଗିଛି। ସ୍ୱାର୍ଥରେ ବାଧା ଆସିବା କ୍ଷଣି ଇଟାଭାଟି ମାଲିକ ଓ କର୍ମଚାରୀ ଆକ୍ରମଣ କରିବାକୁ ପଛାଉ ନାହାନ୍ତି। କେତେବେଳେ କାମ କରୁଥିବା ଶ୍ରମିକଙ୍କୁ ଆକ୍ରମଣ କରୁଛନ୍ତି ତ ଆଉ କେତେବେଳେ ଫାଇନ କାଟିବାକୁ ଆସିଥିବା ରାଜସ୍ୱ ନିରୀକ୍ଷକ ଆକ୍ରମଣର ଶିକାର ହେଉଛନ୍ତି। ଗୁରୁବାର ଦୋବଲ ନିକଟ ଖଡ଼ିପଦା ପଞ୍ଚାୟତର କୋରକଦାରେ ଇଟାଭାଟି ମାଲିକ ଓ ତାଙ୍କ ଇଟାଭାଟିରେ କାମ କରୁଥିବା ଜଣେ ଶ୍ରମିକଙ୍କ ଆକ୍ରମଣରେ ମଦନମୋହନ ପୃଷ୍ଟି ନାମକ ଅନ୍ୟ ଜଣେ ଶ୍ରମିକ ଗୁରୁତର ହୋଇଥିବା ନେଇ ଧାମନଗର ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ମାମଲା (ନଂ.୧୯୧/୨୪) ରୁଜୁ କରି ଆକ୍ରମଣକାରୀ ଶ୍ରମିକ ଗଗନ ବେହେରାଙ୍କୁ ଶନିବାର ଗିରଫ ପରେ କୋର୍ଟଚାଲାଣ କରିଛି।

ଆକ୍ରମଣର ଶିକାର ହୋଇଥିବା ମଦନଙ୍କ ପୁଅ ରମେଶ ଥାନାରେ ଅଭିଯୋଗ କରିଛନ୍ତି ଯେ, ତାଙ୍କ ବାପା କିଛି ମାସ ହେଲା ଉକ୍ତ ଇଟାଭାଟିରେ କାମ କରୁଥିବା ବେଳେ ୫ ଦିନର ମଜୁରି ପାଇ ନ ଥିଲେ। ଗତ ୨ ତାରିଖରେ ସେ କାମ କଲା ବେଳେ ମାଲିକଙ୍କୁ ମଜୁରି ମାଗିଥିଲେ। ହେଲେ ସେ ତାଙ୍କୁ ଟାଣ ଖରାରେ ଦିନ ୨ଟା ଯାଏ ଖଟାଇଥିଲେ। ସେହି ଦିନର କାମ କରି ସାରିଲା ପରେ ଟଙ୍କା ଦିଆଯିବ ବୋଲି କହିଥିଲେ। ସେହି ଅନୁସାରେ ମଦନ ଦିନ ୨ଟା ଯାଏ କାମ କରିଥିଲେ। ତା' ପରେ ବି ମଜୁରି ନ ଦେବାରୁ ମଦନ ଓ ଇଟାଭାଟି ମାଲିକଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଇଟାଭାଟି ମାଲିକ ଓ ଗଗନ ମିଶି ମଦନଙ୍କୁ ପାଖରେ ଥିବା ଗୋଟିଏ ପମ୍ପ ହାଉସକୁ ନେଇ ନିପୁକ ମାଡ଼ ମାରିଥିଲେ। ସେମାନଙ୍କ ଆକ୍ରମଣରେ ମଦନଙ୍କ ବାମ ହାତ ଭାଙ୍ଗିଯିବା ସହ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଏହାସହ ଛାତି ଓ ମୁହଁରେ ମଧ୍ୟ ଗଭୀର ଆଘାତ ଲାଗିଥିଲା। ପୋଲିସ ଇଟାଭାଟି ମାଲିକଙ୍କୁ ଥାନାକୁ ନେଇ ପଚରାଉଚରା କରି ଛାଡ଼ି ଦେଇଥିବା ବେଳେ ଗଗନଙ୍କୁ କୋର୍ଟ ଚାଲାଣ କରିଛି। ଏନେଇ ଧାମନଗର ଥାନା ଅଧିକାରୀ ଫନୀନ୍ଦ୍ର ଭୂଷଣ ନାୟକ କହିଛନ୍ତି, ତଦନ୍ତ କରିବା ସହ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ମୁତାବକ ପ୍ରକୃତ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଇଟାଭାଟି ମାଲିକ ଘଟଣାସ୍ଥଳରେ ନ ଥିବା ତଦନ୍ତ ବେଳେ ଜାଣିବାକୁ ମିଳିଛି।

## ଭାଜପାରେ ମିଶିଲେ ଶତାଧିକ ବିଜେଡି କର୍ମୀ



ଭାଜପାର ମିଶ୍ରଣ ପର୍ବରେ ନୂତନ କର୍ମୀଙ୍କୁ ସ୍ୱାଗତ କରାଯାଉଛି।

ଭଦ୍ରକ, ୫।୫ (ସନାତନ ରାଉତ)

ଭଦ୍ରକ ବିଧାନସଭା କ୍ଷେତ୍ର ଭାଜପା କାର୍ଯ୍ୟାଳୟରେ ରବିବାର ମହାମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନମଣ୍ଡଳୀ ଅଧୀନ କୋରକୋରା, ବିଷ୍ଣୁପୁରବିନ୍ଧା, ଗୁଜିଦରଡ଼ା, ରମ୍ଭିଲା, କେଦାରପୁର, ଜଗଦଲପୁର ଆଦି ପଞ୍ଚାୟତ ଓ ଭଦ୍ରକ ପୌରପାଳିକାର ବିଭିନ୍ନ ୱାର୍ଡରୁ ଶତାଧିକ ବିଜେଡି କାର୍ଯ୍ୟକର୍ତ୍ତା ଦଳ ଛାଡ଼ି ଭାଜପାରେ ଯୋଗ ଦେଇଛନ୍ତି। ୨ ବର୍ଷ ତଳେ ଭାଜପା ଛାଡ଼ିଥିବା ବିଷ୍ଣୁପୁରବିନ୍ଧା ପଞ୍ଚାୟତର ଯୁବନେତା ସପନ ଦାସ ତାଙ୍କ ସମର୍ଥକମାନଙ୍କ ସହ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଅମ୍ବିକା ପ୍ରସନ୍ନ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଭାଜପାର ବିଧାୟକ ପ୍ରାର୍ଥୀ ସୀତାଂଶୁ ଶେଖର ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଡ. ପ୍ରଦୀପ ନାୟକ ଦଳରେ ମିଶିଥିବା ନବାଗତମାନଙ୍କୁ ଉତ୍ତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ କରିଥିଲେ। ଏହି ମିଶ୍ରଣ ଫଳରେ ବିଧାନସଭା ସ୍ତରରେ ଭାଜପା ମଜଭୁତ ହେଉଛି ବୋଲି ପ୍ରଦୀପ କହିଥିଲେ।

## 'ଓଡ଼ିଶାରେ ବିକାଶ ଜାରି ରହିବ'



ବିଜେଡିର କର୍ମୀ ସମାବେଶରେ ଏମ୍‌ପି ପ୍ରାର୍ଥିନୀ ମଞ୍ଜୁଲତା ମଣ୍ଡଳ, ବିଧାୟକ ପ୍ରାର୍ଥୀ ପ୍ରଫୁଲ୍ଲ ସାମଲ ଓ ଦଳୀୟ କର୍ମକର୍ତ୍ତା।

ଭଦ୍ରକ, ୫।୫ (ସନାତନ ରାଉତ/ ରବିନାରାୟଣ ଖିଲାର)

ଓଡ଼ିଶାରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଦ୍ରୁତ ବିକାଶ ହୋଇଥିବା ବେଳେ ଆଗକୁ ମଧ୍ୟ ଏହା ଜାରି ରହିବ। ଚାଷୀଠାରୁ ଆରମ୍ଭ କରି ଛାତ୍ର, ଯୁବକ, ମହିଳା ସବୁ ବର୍ଗର ଲୋକଙ୍କ ପାଇଁ ବିଭିନ୍ନ ଯୋଜନା ରାଜ୍ୟ ସରକାର ପ୍ରଣୟନ କରିଥିବା ବେଳେ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଯୋଜନା କରିଛନ୍ତି। ଓଡ଼ିଶାବାସୀ ପୁଣିଥରେ ବିଜେଡିକୁ କ୍ଷମତାସୀନ କରାଇବେ। ସେହିପରି ଭଦ୍ରକରେ ରାଜ୍ୟ ସରକାରଙ୍କ ଦ୍ୱାରା ସବୁ କ୍ଷେତ୍ରରେ ବିକାଶ କରାଯାଇଛି। ବିଜେଡି ବ୍ୟତୀତ ଅନ୍ୟ ଯେଉଁ ଦଳ କ୍ଷମତାକୁ ଆସିଲେ, ତାହା ଦେଶ ଓ ରାଜ୍ୟ ପାଇଁ ବିପଦ ବୋଲି ଭଦ୍ରକ ଗାନ୍ଧୀପଡ଼ିଆରେ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ କର୍ମୀ ସମାବେଶରେ ଭଦ୍ରକ ବିଧାୟକ ପ୍ରାର୍ଥୀ ପ୍ରଫୁଲ୍ଲ ସାମଲ କହିଛନ୍ତି।

ଭଦ୍ରକ ପୌରପାଳିକାର ୧ରୁ ୧୫ ନଂ. ୱାର୍ଡର କର୍ମୀମାନଙ୍କୁ ନେଇ ଅନୁଷ୍ଠିତ ଏହି ସମାବେଶରେ ଏମ୍‌ପି ପ୍ରାର୍ଥିନୀ ମଞ୍ଜୁଲତା ମଣ୍ଡଳ, ବିଜେଡି ଜିଲା ସଭାପତି ଜଗନ୍ନାଥ ସ୍ୱାଇଁ, ପୌରାଧ୍ୟକ୍ଷା ଗୁଲମକ୍କୀ ହବିବ ଓ ବ୍ଲକ ଅଧ୍ୟକ୍ଷା ଊର୍ମିଳା ନାୟକ ମଞ୍ଚାସୀନ ଥିଲେ। ପ୍ରଣୟ ଦାସଙ୍କ ସଞ୍ଚାଳନରେ ଜିଲା ସାଧାରଣ ସମ୍ପାଦକ ପ୍ରବୀର ଜେନା, ନଗର ସଭାପତି ତାହେର ମହମ୍ମଦ, ଯୁବନେତା ଜାହିଦ ହବିବ, ରାକେଶ ପଣ୍ଡା ପ୍ରମୁଖ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ବିଷୟରେ ଆଲୋକପାତ କରିବା ସହ ବିଧାୟକ ଓ ଏମ୍‌ପି ପ୍ରାର୍ଥୀଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ବିଜୟୀ କରିବାକୁ ନିବେଦନ କରିଥିଲେ।

## ବ୍ୟକ୍ତିଗତ ଜମିରେ ରାସ୍ତା ନିର୍ମାଣକୁ ବିରୋଧ କରିବାରୁ ଆକ୍ରମଣ

ଭଣ୍ଡାରିପୋଖରୀ, ୫।୫ (ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ଥାନା ଅଧୀନ ରହଣିଆ ପଞ୍ଚାୟତ ନୂଆପୋଖରୀ ଗ୍ରାମର ମନୋରମା ମହାନ୍ତିଙ୍କ ବ୍ୟକ୍ତିଗତ ଜମିରେ ରାସ୍ତା ନିର୍ମାଣକୁ ବିରୋଧ କରାଯିବାରୁ ଆକ୍ରମଣ ନେଇ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ମନୋରମାଙ୍କ ଜମି ଉପରେ ଲୋକେ ଅସ୍ଥାୟୀ ଭାବେ ଯାତାୟାତ କରୁଥିଲେ। ସ୍ଥାୟୀ ରାସ୍ତା ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହେବା ସହ ଉକ୍ତ ଜମିରେ ରାସ୍ତା ନିର୍ମାଣ ଲାଗି କେତେଜଣ ଲୋକ ଉଦ୍ୟମ କରିଥିଲେ। ଜମି ମାପ ପରେ ଅସ୍ଥାୟୀ ରାସ୍ତା ସମ୍ପୂର୍ଣ୍ଣ ଭାବେ ମନୋରମାଙ୍କ ବ୍ୟକ୍ତିଗତ ଜମିରେ ଥିବା ଜଣାପଡ଼ିଥିଲା। ମନୋରମା ରାସ୍ତା ପାଇଁ ଏତେ ପରିମାଣର ଜମି ଛାଡ଼ିବାକୁ ରାଜି ହୋଇ ନ ଥିଲେ। ଏଥିପାଇଁ ବୈଠକ ସ୍ଥିର ହୋଇଥିଲା। ହେଲେ ବୈଠକ ହେବା ପୂର୍ବରୁ ଗତ ୩ ତାରିଖରେ ଗ୍ରାମର ଜଣେ ବ୍ୟକ୍ତି ମନୋରମାଙ୍କ ଘର ନିକଟକୁ ଯାଇ ଗାଳିଗୁଲଜ କରିଥିଲେ। ମନୋରମା ଏହାର ପ୍ରତିବାଦ କରିବାରୁ ଉକ୍ତ ବ୍ୟକ୍ତି ଓ ଅନ୍ୟମାନେ ତାଙ୍କ ଘରେ ପଶି ମାଡ଼ ମାରିଥିବା ସେ ଶନିବାର ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ଥାନାରେ ୯ଜଣଙ୍କ ନାମରେ ମାମଲା (ନଂ.୨୦୦/୨୪) ରୁଜୁ କରାଯାଇଛି।

## କର୍ମୀ ସମ୍ମିଳନୀରେ ଉନ୍ନୟନ କାର୍ଯ୍ୟ ବଖାଣିଲେ

ତିହିଡ଼ି, ୫।୫ (ସଞ୍ଜିତ ବଳ)

ଚାନ୍ଦବାଲି ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ତିହିଡ଼ି ବ୍ଲକ ଜାମଯୋଡ଼ି ପଞ୍ଚାୟତର ନୂଆସାହି ଗ୍ରାମରେ ବିଜେଡିର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କର୍ମୀମାନେ ମୁଖ୍ୟଅତିଥି ବିଧାୟକ ଡ. ବ୍ୟୋମକେଶ ରାୟଙ୍କୁ ଶୋଭାଯାତ୍ରାରେ ନେଇ ସଭାସ୍ଥଳରେ ପହଞ୍ଚିଥିଲେ। ସରପଞ୍ଚ ପ୍ରଶାନ୍ତ ବିଶ୍ୱାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ବିଧାୟକ ଯୋଗଦେଇ ଜାମଯୋଡ଼ି ପଞ୍ଚାୟତର ଉନ୍ନତି ପାଇଁ ମୁଠେ ମାଟି ପକାଇ ନ ଥିବା ବିରୋଧୀ ଦଳ ନେତା ପ୍ରାର୍ଥୀ ହୋଇ ଭୋଟ ଭିକ୍ଷା କରିବା ହାସ୍ୟାସ୍ପଦ ବୋଲି କହିଥିଲେ। ମୁଖ୍ୟବକ୍ତା ଚାନ୍ଦବାଲି ବ୍ଲକର ପୂର୍ବତନ ଅଧ୍ୟକ୍ଷ ନରେଶ କୁମାର ମାଝୀ ଏବଂ ଅନ୍ୟତମ ଅତିଥି ଭାବେ ଜିଲା ଯୁବ ବିଜେଡି ସାଧାରଣ ସମ୍ପାଦକ ତାପସ କୁମାର ନାୟକ, ୯ ପଞ୍ଚାୟତ ସଭାପତି ମାନସ ରଞ୍ଜନ ନାୟକ, ପଞ୍ଚାୟତ ସଭାପତି ଅର୍ଜ୍ଜୁନ ନାୟକ, ସମିତିସଭ୍ୟାଙ୍କ ପ୍ରତିନିଧି ଅଜୟ କୁମାର ରାଉତ, ବରିଷ୍ଠ ନେତା ଅମିୟ ପାଣିଗ୍ରାହୀ, ଉମାକାନ୍ତ ପାଣିଗ୍ରାହୀ, ଅକ୍ଷୟ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ବିଧାୟକ ରାୟ ତାଙ୍କ ୧୦ ବର୍ଷର କାର୍ଯ୍ୟକାଳ ମଧ୍ୟରେ କରିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସେମାନେ ବଖାଣିଥିଲେ।

## କଂଗ୍ରେସରେ ସାମିଲ ହେଲେ ବିଜେଡି, ଭାଜପା କର୍ମୀ

ଚାନ୍ଦବାଲି, ୫।୫ (କିଷାନ ପାତ୍ର)

ଚାନ୍ଦବାଲି ବ୍ଲକର ତୋଟାପଡ଼ା ପଞ୍ଚାୟତରେ କଂଗ୍ରେସ ପକ୍ଷରୁ ରବିବାର ବ୍ଲକ ସଭାପତି ବୈଲୋଚନ ପଣ୍ଡାଙ୍କ ସଭାପତିତ୍ୱରେ ଏକ କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ପ୍ରାର୍ଥୀ ଅମିୟ ମହାପାତ୍ର ଏଥିରେ ଯୋଗଦେଇ ଚାନ୍ଦବାଲିରେ କଂଗ୍ରେସକୁ କିପରି ନିର୍ବାଚନରେ ଜୟଯୁକ୍ତ କରାଯିବ ସେ ସମ୍ପର୍କରେ କର୍ମୀମାନଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ତୋଟାପଡ଼ା ପଞ୍ଚାୟତର ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ପରିବାର ଭାଜପା ଓ ବିଜେଡି ଛାଡ଼ି କଂଗ୍ରେସରେ ସାମିଲ ହୋଇଛନ୍ତି। ଅମିୟଙ୍କ ସହ ବରିଷ୍ଠ ନେତା ଦିଗମ୍ବର ଦାସ ଥିଲେ। ନୂତନ କର୍ମୀମାନଙ୍କୁ ସ୍ୱାଗତ କରିଥିଲେ। ଏମାନଙ୍କ ଯୋଗଦାନ ଦଳକୁ ତୋଟାପଡ଼ା ସମେତ ଘଣ୍ଟେଶ୍ୱର ଅଞ୍ଚଳରେ ମଜଭୁତ କରିବ ବୋଲି ଦିଗମ୍ବର କହିଥିଲେ।

## ଭାଜପା ପ୍ରାର୍ଥୀଙ୍କ ନିର୍ବାଚନୀ ସଭା, ଶୋଭାଯାତ୍ରା



ଅମାଜିଆରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ବିଧାୟକ ପ୍ରାର୍ଥୀ ବାଣୀକଲ୍ୟାଣ ମହାନ୍ତି ଓ ଭାଜପା କର୍ମକର୍ତ୍ତାମାନେ।

ବାସୁଦେବପୁର, ୫।୫ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ଭାଜପା ନିର୍ବାଚନ ପ୍ରଚାରକୁ ଶନିବାରଠାରୁ ଜୋରଦାର କରିଛି। ବାସୁଦେବପୁର ବିଧାନସଭା କ୍ଷେତ୍ର ପାଇଁ ଭାଜପା ପ୍ରାର୍ଥୀ ବାଣୀକଲ୍ୟାଣ ମହାନ୍ତି ଓ ତାଙ୍କ ସମର୍ଥକ ଗୁଡ୍ ବଳଦେବ ମନ୍ଦିରରୁ ପୂଜାର୍ଚ୍ଚନା କରି ଇରମ ମଣ୍ଡଳର ସୁଦର୍ଶନପୁର, ଇରମ, ନୂଆଗାଁ, କୁମାରପୁର, ପଡ଼ୁଆଁ, ଜଗନ୍ନାଥପୁର, ଆର୍ଢୁଁ ଆଦି ପଞ୍ଚାୟତରେ ବାଇକ୍ ଶୋଭାଯାତ୍ରାରେ ଶକ୍ତି ପ୍ରଦର୍ଶନ କରିଛନ୍ତି। ଏଥିସହ ଆର୍ଢୁଁର ଅମାଜିଆ ଗ୍ରାମଠାରେ କର୍ମୀ ସମ୍ମିଳନୀ କରାଯାଇଥିଲା। ଇରମ ମଣ୍ଡଳ ସଭାପତି କୈଳାସ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ବାଣୀକଲ୍ୟାଣ ଭୋଟ ଭିକ୍ଷା କରିବା ସହ ନିର୍ବାଚନମଣ୍ଡଳୀର ମୌଳିକ ସମସ୍ୟା ଦୂର ପାଇଁ କାର୍ଯ୍ୟ କରିବେ ବୋଲି କହିଥିଲେ। ବରିଷ୍ଠ ନେତା ଅଶୋକ ସାହୁ, ଜିଲା ଉପସଭାପତି ଉଦୟ ନାରାୟଣ ମଲ୍ଲିକ, କୋଷାଧ୍ୟକ୍ଷ ଜୟପ୍ରକାଶ ମଲ୍ଲିକ, ନିର୍ବାଚନମଣ୍ଡଳୀ ସଂଯୋଜକ ଡ. ପ୍ରତାପ ଚନ୍ଦ୍ର ନାୟକ, ପର୍ଯ୍ୟବେକ୍ଷକ ତପସ୍ୱିନୀ ମହାପାତ୍ର, ପୂର୍ବତନ ମଣ୍ଡଳ ସଭାପତି ନିର୍ମଳ ଚନ୍ଦ୍ର ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ।

## ଶିକ୍ଷାବିତ୍‌ଙ୍କ ପରଲୋକ

ବାସୁଦେବପୁର, ୫।୫ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ଅଞ୍ଚଳର ଶିକ୍ଷାବିତ୍ ତଥା ଫକୀରମୋହନ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ମୁରଲୀଧର ସାହୁ(୭୦)ଙ୍କ ଶନିବାର ରାତିରେ ହୃଦ୍‌ଘାତରେ ପରଲୋକ ହୋଇଛି। ସେ ଜଣେ ବିଶିଷ୍ଟ ଅର୍ଥନୀତିଜ୍ଞ ଭାବେ ପରିଚିତ ଥିଲେ। ବିଭିନ୍ନ ସାରସ୍ୱତ ଓ ସାଂସ୍କୃତିକ ଅନୁଷ୍ଠାନ ସହ ଜଡ଼ିତ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଶିକ୍ଷାବିତ୍ ଦୁଃଶାସନ ରାଉତଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ବାସୁଦେବପୁରସ୍ଥିତ ତାଙ୍କ ବାସଭବନରୁ ମରଶରୀରକୁ ଶୋଭାଯାତ୍ରାରେ ପୈତୃକ ଗ୍ରାମ ସୁଦର୍ଶନପୁର ଗ୍ରାମକୁ ନିଆଯାଇଥିଲା।

## ଗାୟତ୍ରୀ ପରିବାର ପକ୍ଷରୁ ସ୍ୱଚ୍ଛତା ଅଭିଯାନ



ଭଦ୍ରକ, ୫।୫ (ରବିନାରାୟଣ ଖିଲାର)

ଭଦ୍ରକ ରାଣୀତାଲସ୍ଥିତ ଗାୟତ୍ରୀ ଚେତନା କେନ୍ଦ୍ର ନିକଟରେ ଗାୟତ୍ରୀ ପରିବାର ପକ୍ଷରୁ ରବିବାର ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ କରାଯାଇଛି। ଗାୟତ୍ରୀ ପରିବାରର କାର୍ଯ୍ୟକର୍ତ୍ତାମାନେ ସଫେଇ କାର୍ଯ୍ୟ କରିଥିଲେ। ରାଜେଶ ଦାସ, ସନ୍ତୋଷ ସେଠୀ, ସୁଶାନ୍ତ ମହାନ୍ତି, ଅମୂଲ୍ୟ, ବିପ୍ଳବ, ରେବତୀ, କାଞ୍ଚନ, ସଙ୍ଗୀତା, ନମିତା, ପ୍ରଶାନ୍ତି, ସ୍ୱାଧୀନ ଦୁର୍ଯ୍ୟୋଧନ, ଆକାଶ, ଆଲୋକ, ସ୍ୱପ୍ନା ଓ ଯାଜ୍ଞସେନୀ ଏଥିରେ ସାମିଲ ଥିଲେ। ଆଗାମୀ ଦିନରେ ବୃକ୍ଷ ଗଙ୍ଗା ଅଭିଯାନର ଯୋଜନା ପ୍ରସ୍ତୁତ କରାଯିବା ଏବଂ ଏପରି ଜନ ସମାଜ ହିତକର କାର୍ଯ୍ୟ ନିୟମିତ କରିବା ପାଇଁ ସେମାନେ ସଂକଳ୍ପ ନେଇଥିଲେ।

## କଂଗ୍ରେସର କର୍ମୀ, କାର୍ଯ୍ୟକର୍ତ୍ତା ସମାବେଶ

ତିହିଡ଼ି, ୫।୫ (ସଞ୍ଜିତ ବଳ)

କଂଗ୍ରେସ ଶାସନ କ୍ଷମତାରେ ଥିବାବେଳେ ଉଭୟ କେନ୍ଦ୍ର ଓ ରାଜ୍ୟରେ ଯେଉଁ ସ୍ଥିରତା ଥିଲା, ତାହା ଏବେ ଅସ୍ଥିରତାରେ ପରିଣତ ହୋଇଛି। ବିଭିନ୍ନ ସାମଗ୍ରୀର ଅହେତୁକ ମୂଲ୍ୟ ବୃଦ୍ଧି ଯୋଗୁ ଗରିବ ଓ ମଧ୍ୟବିତ୍ତ ଶ୍ରେଣୀର ଲୋକେ ଦୁର୍ଦ୍ଦଶା ଭୋଗୁଛନ୍ତି। ଏହି କାରଣରୁ ଲୋକେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରତି ବିମୁଖ ହୋଇ ପଡ଼ିଛନ୍ତି। ଏହି ପରିପ୍ରେକ୍ଷୀରେ କଂଗ୍ରେସକୁ ଶାସନ କ୍ଷମତା ଫେରାଇବା ପାଇଁ ଦଳୀୟ କର୍ମୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବା ତିହିଡ଼ିରେ ଅନୁଷ୍ଠିତ କଂଗ୍ରେସର କର୍ମୀ ଓ କାର୍ଯ୍ୟକର୍ତ୍ତା ସମାବେଶରେ ନେତାମାନେ ମତବ୍ୟକ୍ତ କରିଛନ୍ତି। ଦଳର ନେତା ଓ କର୍ମୀମାନେ ଏକ ଶୋଭାଯାତ୍ରାରେ ତହସିଲ ଛକରୁ ବାହାରି ତିହିଡ଼ି ବଜାର ପରିକ୍ରମା ପରେ ବ୍ଲକ ଛକସ୍ଥିତ ମନ୍ଦୋଦରୀ କଲ୍ୟାଣ ମଣ୍ଡପ ନିକଟରେ ପହଞ୍ଚିଥିଲେ। ସେଠାରେ ବ୍ଲକ ସଭାପତି ସରୋଜ କୁମାର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମାବେଶରେ ମୁଖ୍ୟଅତିଥି ଭାବେ ଏମ୍‌ପି ପ୍ରାର୍ଥୀ ଅନନ୍ତ ପ୍ରସାଦ ସେଠୀ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶୋଷଣରେ ଅତିଷ୍ଠ ଲୋକେ ନିର୍ବାଚନରେ ଉଚିତ ଜବାବ ଦେବେ ବୋଲି କହିଥିଲେ।

ବରେଣ୍ୟ ଅତିଥି ବାସୁଦେବପୁର ବିଧାୟକ ପ୍ରାର୍ଥୀ ଅଶୋକ କୁମାର ଦାସ, ଚାନ୍ଦବାଲି ବିଧାୟକ ପ୍ରାର୍ଥୀ ଅମିୟ ମହାପାତ୍ର, ଧାମନଗର ବିଧାୟକ ପ୍ରାର୍ଥୀ ରଞ୍ଜନ କୁମାର ବେହେରା, ଅନ୍ୟତମ ଅତିଥି ଭାବେ ଜିଲା ମହିଳା ସଭାନେତ୍ରୀ ମଧୁମିତା ସେଠୀ, ଯୁବନେତା ସତ୍ୟାନନ୍ଦ ରାଉତ, ମନୋଜ ବିଶ୍ୱାଳ, ଦିଗମ୍ବର ଦାସ, ଚାନ୍ଦବାଲି ବ୍ଲକ ସଭାପତି ବୈଲୋଚନ ପଣ୍ଡା, ସରପଞ୍ଚ ଉଦ୍ଧବ ଚରଣ ନାୟକ, ଅରବିନ୍ଦ ରଘୁନାଥ ଦାସ ପ୍ରମୁଖ ଯୋଗ ଦେଇଥିଲେ। ପୂର୍ବତନ ସମିତିସଭ୍ୟା ଝରଣା ମହାନ୍ତି, ବ୍ଲକ ଯୁବ ସଂଯୋଜକ ବିପିନ ବିହାରୀ ପତି, ସୁରେଶ ମହାପାତ୍ର, ବସନ୍ତ ନାୟକ, ପୀତାମ୍ବର ସେଠୀ, ବିକ୍ରମ ଜେନାଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।



ସମାବେଶରେ ବିଧାୟକ ପ୍ରାର୍ଥୀମାନଙ୍କ ସହ କଂଗ୍ରେସର କାର୍ଯ୍ୟକର୍ତ୍ତା।

## ଆରଡ଼ିରେ ମନମୋହନଙ୍କ ରୋଡ୍ ଶୋ

ଚାନ୍ଦବାଲି, ୫।୫ (କିଷାନ ପାତ୍ର)

ଭଦ୍ରକ ଜିଲା ଆରଡ଼ି ଆଖଣ୍ଡଳମଣି ପୀଠରେ ରବିବାର ସକାଳେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ପହଞ୍ଚି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ବିଧାୟକ ପ୍ରାର୍ଥୀ ଭାବେ ଚାନ୍ଦବାଲିରୁ ଭାଜପା ଟିକେଟ ଘୋଷଣା ପରେ ଏହା ତାଙ୍କର ପ୍ରଥମ ଆରଡ଼ି ଗସ୍ତ ଥିଲା ବେଳେ ଆୟୋଜିତ ରୋଡ୍‌ଶୋରେ ହଜାରରୁ ଊର୍ଦ୍ଧ୍ୱ କର୍ମୀ ସାମିଲ ହୋଇଥିଲେ। ସୁନ୍ଦରପୁର ଛକଠାରୁ ଏକ ଖୋଲା ଜିପ୍‌ରେ ତାଙ୍କୁ କର୍ମୀମାନେ ବିଶାଳ ମୋଟର ସାଇକେଲ ଶୋଭାଯାତ୍ରାରେ ଆରଡ଼ି ଧାମ ପର୍ଯ୍ୟନ୍ତ ନେଇଥିଲେ। ସେଠାରେ ଆରଡ଼ି ସେବାୟତ ସଂଘ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ସେ ବାବା ଆଖଣ୍ଡଳମଣିଙ୍କୁ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରି ଆଶୀର୍ବାଦ ଭିକ୍ଷା କରିଥିଲେ।

ଏହି ଅବସରରେ ଆରଡ଼ି ବାଇପାସ୍ ରୋଡ଼ଠାରେ ଏକ ନୂତନ ପାର୍ଟି ଅଫିସ ସେ ଉଦ୍‌ଘାଟନ କରିଛନ୍ତି। ସେଠାରେ ଆରଡ଼ି ଶକ୍ତି କେନ୍ଦ୍ର ପ୍ରମୁଖ ଦେବଦତ୍ତ ପାଢ଼ୀଙ୍କ ସଭାପତିତ୍ୱରେ ମେଗା ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ



ରୋଡ୍ ଶୋରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ଦଳୀୟ ନେତା ଅଜୟ ନାୟକ ଓ ଅନ୍ୟମାନେ।

### ପଦ୍ମ ଧରିଲେ ୩ ବିଜେଡି ନେତା, ଶତାଧିକ କର୍ମୀ

ବିଜେଡି ନେତା ତଥା ଜିଲା ଯୁବ ସାଧାରଣ ସମ୍ପାଦକ ଆଶିଷ ପାଢ଼ୀ, ଆରଡ଼ି ନାନ୍ଦପୁର ସେବା ସମବାୟ ସଭାପତି ଲଲାଟ କିଶୋର ପାଢ଼ୀ ଓ ଯୁବନେତା ମାନସ ପାଢ଼ୀ ତାଙ୍କର ଶତାଧିକ କର୍ମୀଙ୍କ ସହ ବିଜେଡି ଛାଡ଼ି ଭାଜପାରେ ଯୋଗ ଦେଇଛନ୍ତି। ମନମୋହନ ସେମାନଙ୍କୁ ସ୍ୱାଗତ କରି ଏହି ବରିଷ୍ଠ ନେତାମାନଙ୍କ ଯୋଗଦାନ ଫଳରେ କେବଳ ଆରଡ଼ି ଅଞ୍ଚଳରେ ନୁହେଁ, ନିର୍ବାଚନମଣ୍ଡଳୀରେ ଦଳ ବୃଦ୍ଧିରେ ସହାୟକ ହେବ ବୋଲି କହିଥିଲେ। ବରିଷ୍ଠ ଭାଜପା ନେତା ଅଜୟ ନାୟକ, ଆରଡ଼ି ଜୋନ୍ ସଭାପତି କିଶୋର ନାୟକ, ରାଜ୍ୟ କୃଷକ ମୋର୍ଚ୍ଚା ସଦସ୍ୟ ଉପେନ୍ଦ୍ର ରାଉଳ, ଯୁବନେତା ସନ୍ଦୀପ ନାୟକ, ସଦାନନ୍ଦ ମଲ୍ଲିକ, ଶରତ ବେହୁରିଆ, ମୀନକେତନ ବିଶ୍ୱାଳ, ମିହିର ନାୟକ, ସୁରେଶ ମହାଲିକ, ପ୍ରଭାସ ଶୁଭଦର୍ଶନ ମହାନ୍ତି, ସୁବାସ ସାହୁ, ସତ୍ୟଶିବ ନାୟକ, କିଷାନ ପାଢ଼ୀ, ଜୟସେନ ପାଢ଼ୀ, ଜୀବନାନନ୍ଦ ପାଢ଼ୀ, ସୋଦେଶ ପଣ୍ଡା, ବାବାଜୀ ସାହୁ, ପ୍ରଦୀପ ନାୟକ, ଉତ୍ତମ ମିଶ୍ର, ରାଧାକାନ୍ତ ପାଢ଼ୀ, ଅରୁଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ବିନା ସୁରକ୍ଷା, ଅଣକୁଶଳୀ ଶ୍ରମିକରେ ହେଉଛି କାର୍ଯ୍ୟ

**କେଜେଏସ୍ ଆହଲୁୱାଲିଆ ପ୍ଲାଣ୍ଟରେ ବିସ୍ଫୋରଣ ଘଟଣା**

**ବାରମ୍ବାର ଦୁର୍ଘଟଣା ସତ୍ତ୍ୱେ ଚେତୁନି ବିଭାଗ**

ବଡବିଲ,୫।୫(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ରୁଗୁଡି ଥାନା ଅନ୍ତର୍ଗତ ବରପଦାସ୍ଥିତ କେଜେଏସ (କମଲ ଜିତ୍ ସିଂ) ଆହଲୁୱାଲିଆ ପ୍ଲାଣ୍ଟର ଇଣ୍ଡକ୍ସନ ଫର୍ଣ୍ଣେସ ବିସ୍ଫୋରଣ ପରେ ଶ୍ରମିକଙ୍କ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ଲାଣ୍ଟରେ ପୂର୍ବରୁ ଦୁର୍ଘଟଣା ଘଟି ଶ୍ରମିକ ଆହତ ହୋଇଥିଲେ ବି ଫ୍ୟାକ୍ଟ୍ରି ଆଣ୍ଡ ବ୍ରଏଲର ବିଭାଗ ପକ୍ଷରୁ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏପରିକି ପ୍ଲାଣ୍ଟରେ ଠିକାସଂସ୍ଥା ବାହାରୁ ଅଣକୁଶଳୀ ଶ୍ରମିକ ଆଣି କାର୍ଯ୍ୟ କରିବା ଓ ସୁରକ୍ଷା ବ୍ୟବସ୍ଥା ଢିଲା କାରଣରୁ ବାରମ୍ବାର ଦୁର୍ଘଟଣା ଘଟୁଥିବା କେଜେଏସ ଆହଲୁୱାଲିଆ ଶ୍ରମିକ ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ଏ ନେଇ ଶନିବାର ଏକ ବୈଠକ କରି ଶ୍ରମିକଙ୍କ ସୁରକ୍ଷା ଓ ଆବଶ୍ୟକ କ୍ଷତିପୂରଣ ଦାବି କରାଯାଇଛି।

ପ୍ରକାଶ ଯେ, ଗତ ଜାନୁୟାରୀ ୩ରେ ଉକ୍ତ ପ୍ଲାଣ୍ଟର ଇଣ୍ଡକ୍ସନ ଫର୍ନେସରେ ବିସ୍ଫୋରଣ ହୋଇଥିଲା। ସେତେବେଳେ ଫର୍ନେସ ପଙ୍କଚର ହୋଇ ଏକ ଫାଟ ସୃଷ୍ଟି ହୋଇଥିଲା। ଫଳରେ ତରଳ ତତଲା ଲୁହା ଗୋଟିଏ ପଟକୁ ଅଜାଡି ହୋଇପଡ଼ିଥିଲା। ସେହିଭଳି ୨୦୧୭ ଅକ୍ଟୋବର ୧୩ରେ ପ୍ଲାଣ୍ଟର ଏସ୍‌ଏମ୍‌ଏସ୍(ଷ୍ଟିଲ ମେଲ୍ଟିଂ ସପ୍)ସ୍ଥିତ ଇଣ୍ଡକ୍ସନ ଫର୍ନେସ୍ ଜାମ ହୋଇଯାଇଥିବା ବେଳେ ପ୍ଲାଣ୍ଟ୍ ଶଟଡାଉନ ନ କରି ଚଳନ୍ତା ଅବସ୍ଥାରେ ଫର୍ନେସ ସଫେଇ ଚାଲିଥିଲା। ଏହି ସମୟରେ ଫର୍ନେସରେ ବିସ୍ଫୋରଣ ଘଟିଥିଲା। ନିକଟରେ ଥିବା ୬୦ରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କ ଉପରେ ତତଲା ତରଳ ଲୁହା ପଡ଼ିଥିଲା। ୧୩ ଗୁରୁତର ଭାବେ ପୋଡ଼ି ଯାଇଥିଲେ। ୨୦୧୭ ଅଗଷ୍ଟ ୧୦ରେ ପ୍ଲାଣ୍ଟର କୋଲ ସେଟଲିଂ ପ୍ଲାଣ୍ଟ୍ (ସିଏସ୍‌ପି)ର କନଭେୟର ବେଲ୍ଟରେ କୋଇଲା ପରିବହନ ବେଳେ ସେଠାରେ କାର୍ଯ୍ୟରତ ଶ୍ରମିକ ଶ୍ରୀକାନ୍ତ ନାଏକ କନ୍‌ଭେୟର ବେଲ୍ଟରେ ଚାପି ହୋଇଯାଇଥିଲେ। ତାଙ୍କ ଡାହାଣ ହାତଟି କଟି ଅଲଗା ହୋଇଯାଇଥିବା ବେଳେ ଗୋଟିଏ ଗୋଡ ଭାଙ୍ଗିଯାଇଥିଲା। ପ୍ଲାଣ୍ଟରେ ବାରମ୍ବାର ଦୁର୍ଘଟଣା ଘଟି ଧନଜୀବନ ହାନି ଘଟୁଥିଲେ ହେଁ ଫ୍ୟାକ୍ଟ୍ରି ଆଣ୍ଡ ବ୍ରଏଲର ବିଭାଗ ପକ୍ଷରୁ କମ୍ପାନୀ ବିରୋଧରେ ସେଭଳି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଫଳରେ ସୁରକ୍ଷା ନିମନ୍ତେ କମ୍ପାନୀ ଆଦୌ ଧ୍ୟାନ ଦେଉ ନ ଥିବା ଶ୍ରମିକ ସଂଘ ପକ୍ଷରୁ ଅଭିଯୋଗ ହୋଇଛି। ତେବେ ପ୍ଲାଣ୍ଟରେ ବିପଦପୂର୍ଣ୍ଣ ସ୍ଥାନ ଭାବେ ପରିଗଣିତ ଏସ୍‌ଏମ୍‌ଏସ୍‌ରେ ଶିଳ୍ପ ନିୟମାନୁଯାୟୀ କମ୍ପାନୀ କର୍ମଚାରୀ ନିୟୋଜିତ କରାଯିବା ବଦଳରେ ଠିକାଦାରଙ୍କୁ ନିୟୋଜିତ କରାଯାଇଛି। ଫଳରେ ସେଠାରେ କାର୍ଯ୍ୟରତ ଠିକା କର୍ମଚାରୀଙ୍କୁ କମ୍ପାନୀ କୌଣସି ସୁରକ୍ଷା ସରଞ୍ଜାମ ଯୋଗାଉ ନାହିଁ। ଠିକାଦାର ମଧ୍ୟ ସୁରକ୍ଷା ସରଞ୍ଜାମ ଦେଉନାହିଁ। ଅନ୍ୟପକ୍ଷେ ଠିକାଦାର ଅଣକୁଶଳୀ ଶ୍ରମିକ ନିୟୋଜିତ କରୁଥିବା ଅଭିଯୋଗ ହୋଇଛି।

କେଜେଏସ ଆହଲୁୱାଲିଆ ଶ୍ରମିକ ସଂଘର ସଭାପତି ଶାନ୍ତନୁ ମହାପାତ୍ର କହିଛନ୍ତି, ପ୍ଲାଣ୍ଟ ଏବେ ବି ଅସୁରକ୍ଷିତ। ଦୁର୍ଘଟଣା ଘଟିଥିବା ଇଣ୍ଡକ୍ସନ ଫର୍ନେସକୁ ବାଦଦେଇ ପ୍ଲାଣ୍ଟ କାର୍ଯ୍ୟ ଜାରି ରହିଛି। ଫ୍ୟାକ୍ଟ୍ରି ଆଣ୍ଡ ବଏଲର ବିଭାଗ ଏବଂ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପ୍ଲାଣ୍ଟ ସହ ମିଶି କାର୍ଯ୍ୟ କରୁଛନ୍ତି। ମ୍ୟାନେଜମେଣ୍ଟର ଅବହେଳା ଓ ବାହାର ଠିକାଦାରଙ୍କ ଜରିଆରେ ବିପଦପୂର୍ଣ୍ଣ ସ୍ଥାନରେ ବିନା ସୁରକ୍ଷାରେ ଶ୍ରମିକ ନିୟୋଜିତ ହେଉଛନ୍ତି। ଅଧିକାଂଶ ଶ୍ରମିକ ରାଜ୍ୟ ବାହାରର ହୋଇଥିବାରୁ ଦୁର୍ଘଟଣାରେ ମୃତକଙ୍କ ପରିବାରକୁ ନିୟମାନୁଯାୟୀ ସହାୟତା ମିଳୁନି। ବାରମ୍ବାର ଦୁର୍ଘଟଣା ଘଟି ଜୀବନହାନି ଘଟୁଛି। ଏ ନେଇ ସଂଘ ପକ୍ଷରୁ ଅଭିଯୋଗ କରାଯାଉଥିଲେ ବି କାର୍ଯ୍ୟାନୁଷ୍ଠାନ ହେଉନି। ତେଣୁ ଏକ ଜନସ୍ୱାର୍ଥ ମାମଲା ରୁଜୁ କରାଯିବ। ମ୍ୟାନେଜମେଣ୍ଟକୁ ଏନେଇ ଦାବିପତ୍ର ଦିଆଯାଇଛି। ଆସନ୍ତା ୨ ଦିନ ମଧ୍ୟରେ ଶ୍ରମିକଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହେବ। ଜିଲା ଶ୍ରମ ଅଧିକାରୀ ସୂର୍ଯ୍ୟନାରାୟଣ ମାଲି କହିଛନ୍ତି, ଫ୍ୟାକ୍ଟ୍ରି ଆଣ୍ଡ ବଏଲର, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। ଶ୍ରମ ବିଭାଗ ମଧ୍ୟ ତଦନ୍ତ ଜାରି ରଖିଛି। ତଦନ୍ତ ସରିଲେ ରିପୋର୍ଟ ଦାଖଲ କରାଯିବ। ସୂଚନାଯୋଗ୍ୟ, ଗତ ୨ ତାରିଖରେ ପ୍ଲାଣ୍ଟର ଇଣ୍ଡକସନ ଫର୍ନେସରେ ବିସ୍ଫୋରଣ ଘଟି ୧୦ କର୍ମଚାରୀ ପୋଡ଼ି ଗୁରୁତର ହୋଇଥିଲେ। ସେମାନଙ୍କ ମଧ୍ୟରୁ ଶୁକ୍ରବାର ଆସାମର ବାବୁଲ ଦାସ, ଶନିବାର ଦେବେନ ବକଲାନୀଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା।

# ବିଧାୟକ ପ୍ରାର୍ଥୀଙ୍କ ଭୋଟ ଭିକ୍ଷା



ଆନନ୍ଦପୁର ବିଜେଡି ବିଧାୟକ ପ୍ରାର୍ଥୀ ଅଭିମନ୍ୟୁ ସେଠୀ।

ବଉଳା,୫।୫(ଦୁର୍ଗାପ୍ରସାଦ ଆଇଚ)

କେନ୍ଦୁଝର ଜିଲା ଆନନ୍ଦପୁର ନିର୍ବାଚନ ମଣ୍ଡଳୀର ବିଜେଡି ପ୍ରାର୍ଥୀ ଅଭିମନ୍ୟୁ ସେଠୀ ହାଟଡ଼ିହୀ ବ୍ଲକର ବାଙ୍ଗୋର ଓମ୍‌ଏମ୍‌ସି ଖଣିର ଶ୍ରମିକମାନଙ୍କୁ ଭୋଟ ଭିକ୍ଷା କରିଛନ୍ତି। ଶ୍ରମିକଙ୍କ ନିକଟରେ ପ୍ରାର୍ଥୀ ଅଭିମନ୍ୟୁ ସେଠୀ, ଦେବପ୍ରିୟ ପାତ୍ର(ବୁଲୁ), ଜିଲା ପରିଷଦ ସଦସ୍ୟ ବିଦ୍ୟାଧର ବିଶ୍ୱାଳ, ଜିଲା ପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ, ବଉଳା କ୍ରୋମାଇଟ ମାଇନ୍ସର କାର୍ଯ୍ୟାକରୀ ସଭାପତି ରବିନ୍ଦ୍ର ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମୟରେ ପୃଷ୍ଟି ଅଞ୍ଚଳର ବିକାଶ ପାଇଁ ଏକ ମେଡିକାଲ ଖୋଲିବାକୁ ଦାବି କରିବା ସହିତ ଶିବ ମନ୍ଦିରର ସୁରକ୍ଷା ବାଡ଼ା ଆଦି ବିଭିନ୍ନ ଦାବି କରିଥିଲେ।

## ସଂକ୍ଷେପରେ

### ଟ୍ରେଲର, ଟ୍ରକ ମଝିରେ ଚାପି ହୋଇ ଚାଳକଙ୍କ ମୃତ୍ୟୁ

ବଡ଼ବିଲ, ୫।୫(ଦେବପ୍ରିୟ ରଣା): କେନ୍ଦୁଝର ଜିଲା ରୁଗୁଡି ଥାନା ଅନ୍ତର୍ଗତ କୋହ୍ଲ ରୁଡ଼କେଲା ଛକ ନିକଟରେ ରବିବାର ଟ୍ରେଲର ଓ ଟ୍ରକ ମଝିରେ ଚାପି କୋଇ ଟ୍ରଲର ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ବାବୁଲା ଯାଦବ(୩୩)। ସୂଚନା ଅନୁଯାୟୀ, ରାସ୍ତା ଜାମ ଥିବାରୁ ଟ୍ରେଲର ଛିଡାକରି ଚାଳକ ବାବୁଲା ତଳେ ଛିଡ଼ା ହୋଇଥିଲେ। ଏହି ସମୟରେ ଟ୍ରଲରଟି ହଠାତ୍ ଗଡିବାକୁ ଲାଗିଥିଲା। ଅଟକାଇବା ନିମନ୍ତେ ଚାଳକ ବାବୁଲା ଦୌଡ଼ିଯାଇ ଟ୍ରଲର ଉପରକୁ ଚଢ଼ିବାକୁ ଚେଷ୍ଟା କରୁଥିବାବେଳେ ଛିଡ଼ା ହୋଇଥିବା ଏକ ଟ୍ରକରେ ଚାପି ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ବାବୁଲାଙ୍କୁ ଉଦ୍ଧାରକରି ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ରୁଗୁଡି ଥାନାରେ ଏକ ମାମଲା(ନଂ. ୬୮/୨୦୨୪) ରୁଜୁ ହୋଇଥିବା ଜଣାପଡିଛି।

### ବଳାତ୍କାର ଉଦ୍ୟମ: ସୁଧାର ଗୃହକୁ ଗଲେ ନାବାଳକ

ବଡବିଲ, ୫।୫(ଦେବପ୍ରିୟ ରଣା): କେନ୍ଦୁଝର ଜିଲା ବଲାଣି ଥାନା ଅନ୍ତର୍ଗତ ଜଣେ ୬ ବର୍ଷୀୟ ନାବାଳିକାଙ୍କୁ ଅଞ୍ଚଳର ୧୫ ବର୍ଷୀୟ ନାବାଳକ ବଳାତ୍କାର ଉଦ୍ୟମ କରିଥିଲେ। ଅଭିଯୋଗ ପରେ ଅଭିଯୁକ୍ତ ନାବାଳକଙ୍କୁ ପୋଲିସ ସୁଧାର ଗୃହକୁ ପଠାଇଛି। ସୂଚନା ଅନୁଯାୟୀ, ଗତ ଶନିବାର ନାବାଳିକା ଶୌଚ ହେବାକୁ ବାହାରକୁ ଯାଇଥିବାବେଳେ ନାବାଳକ ସ୍କୁଲ ନିକଟକୁ ଟେକିନେଇ ବଳାତ୍କାର ଉଦ୍ୟମ କରିଥିଲେ। ନାବାଳିକା ପାଟି କରିବାରୁ ଛାଡ଼ି ପଳାଇଥିଲେ। ଏ ନେଇ ନାବାଳିକାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ପରେ ପୋଲିସ ଅଭିଯୁକ୍ତ ନାବାଳକଙ୍କୁ କାବୁକରି ସୁଧାର ଗୃହକୁ ପଠାଇଥିବା ଜଣାପଡ଼ିଛି।

# ‘ଧରଣୀଧରଙ୍କ ଜୀବନୀ ପ୍ରେରଣାର ଉତ୍ସ’



ପଦ୍ମଶ୍ରୀ ଦୈତାରୀ ନାଏକଙ୍କୁ ଅତିଥି ସମ୍ବର୍ଦ୍ଧିତ କରୁଛନ୍ତି।

କେନ୍ଦୁଝର,୫।୫(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଧରଣୀଧର ବିଶ୍ୱବିଦ୍ୟାଳୟ ପକ୍ଷରୁ ରବିବାର ବିପ୍ଳବୀ ଧରଣୀଧର ଜୟନ୍ତୀ ପାଳିତ ହୋଇଯାଇଛି। ସମାରୋହ ଆରମ୍ଭରୁ ବିଶ୍ୱବିଦ୍ୟାଳୟ ପରିସରରେ ଥିବା ବିପ୍ଳବୀ ଧରଣୀଧର ଓ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ। ପରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରତାପ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଜୟନ୍ତୀ କମିଟିର ଆବାହକ ଡଃ ସୁମନ୍ତ୍ର ନାଏକ ମୁଖ୍ୟ ଅତିଥି ପଦ୍ମଶ୍ରୀ ଦୈତାରୀ ନାଏକ ଓ ଅନ୍ୟ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। କୁଳସଚିବ ନରେନ୍ଦ୍ର ସାହୁ ବକ୍ତବ୍ୟରେ ବିପ୍ଳବୀ ଧରଣୀଧରଙ୍କ ଜୀବନୀ ମାଟି ପାଇଁ ଚିର ପ୍ରେରଣାର ଉତ୍ସ ବୋଲି ମତବ୍ୟକ୍ତ କରିଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ସତ୍ୟବ୍ରତ ମିଶ୍ରଙ୍କ ବିପ୍ଳବୀ ଧରଣୀଧରଙ୍କ ଆଦର୍ଶ କେନ୍ଦୁଝର ତଥା ଓଡ଼ିଶାକୁ ସ୍ୱତନ୍ତ୍ର ପରିଚୟ ଦେଇଛି ବୋଲି ମତ ରଖିଥିଲେ। ମୁଖ୍ୟବକ୍ତା ଅଧ୍ୟାପକ ସୁଧା ଦାଶ ଧରଣୀଧରଙ୍କ ବିପ୍ଳବ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ କୁଳପତି ପଦ୍ମଶ୍ରୀ ଦୈତାରୀ ନାଏକଙ୍କୁ ବିପ୍ଳବୀ ଧରଣୀଧର ସମ୍ମାନରେ ସମ୍ମାନିତ କରିଥିବା ବେଳେ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସେହିପରି ଜିଲା ପ୍ରଶାସନ ପକ୍ଷରୁ କୁସୁମିତାସ୍ଥିତ ଜନ୍ମମାଟି ଓ ଧରଣୀ ଛକ ପରିସରରେ ଥିବା ଧରଣୀଧରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। କେନ୍ଦୁଝର ସଦର ବିଡିଓ ତିଳୋତ୍ତମା ପୃଷ୍ଟି, ଜିଲା ସଂସ୍କୃତି ଅଧିକାରୀ ରମେଶ ଚନ୍ଦ୍ର ନାଏକ ଏବଂ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ ଯୋଗ ଦେଇଥିଲେ। ପରେ ଶଙ୍କରପୁରସ୍ଥିତ ଧରଣୀଧର ସ୍ପୋର୍ଟସ କମ୍ପ୍ଲେକ୍ସ ପରିସରରେ ଥିବା ଧରଣୀଧରଙ୍କ ପ୍ରତିମୂର୍ତ୍ତିରେ କ୍ରୀଡ଼ା ଅନ୍ତେବାସୀଙ୍କ ଗହଣରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପରେ କମ୍ପ୍ଲେକ୍ସର ସମ୍ମିଳନୀ କକ୍ଷରେ ଆୟୋଜିତ ସ୍ମୃତିଚାରଣ ସଭାରେ ଜିଲା କ୍ରୀଡ଼ା ଅଧିକାରୀ ଜିତେନ୍ଦ୍ର ମହାକୁଡ଼, କ୍ରୀଡ଼ା ପ୍ରଶିକ୍ଷକ ରାଜେନ୍ଦ୍ର ଶି ଓ ବରିଷ୍ଠ ରାଜସ୍ୱ ସହାୟକ ପୀତବାସ ମହାନ୍ତ ଯୋଗଦେଇ ବିପ୍ଳବୀ ଧରଣୀଧରଙ୍କ ସ୍ମୃତିଚାରଣ କରିଥିଲେ।

### ଶତାୟୁ ମହିଳାଙ୍କ ପରଲୋକ

କେନ୍ଦୁଝର,୫।୫(ଦୀପକ ମିଶ୍ର): କେନ୍ଦୁଝର ଗଡ଼ ପୁରୁଣାସହର ନିବାସୀ ଘାଷିଆଣି ଦେଇ(୧୦୩)ଙ୍କ ପରଲୋକ ଘଟିଛି। ସେ ଜଣେ ଧର୍ମପରାୟଣ, ପରୋପକାରୀ ମହିଳା ଥିଲେ। ମୃତ୍ୟୁ ସମୟରେ ତାଙ୍କ ଶଯ୍ୟା ନିକଟରେ ତାଙ୍କର ୨ ପୁତ୍ର ସରୋଜ ରଣା, ବ୍ରଜେନ୍ଦ୍ର କୁମାର ରଣା ଏବଂ ପରିବାର ସଦସ୍ୟ ଉପସ୍ଥିତ ଥିଲେ।

### ସାଇକେଲ ଦୋକାନରେ ଅଗ୍ନିକାଣ୍ଡ

ଯୋଡ଼ା,୫।୫(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ବନେଇକଲା ତାରିଣୀ ଛକ ପୌରପାଳିକା ଭେଣ୍ଡିଂ ଜୋନ୍‌ରେ ଥିବା ସାଇକେଲ ଦୋକାନରେ ରବିବାର ଅଗ୍ନିକାଣ୍ଡ ଘଟିଛି। ଏଥିରେ ୧୦ରୁ ୧୨ଟି ସାଇକେଲ ପୋଡ଼ିଯାଇଥିବା ଦୋକାନ ମାଲିକ ଏମ୍‌ଡି ଫିରୋଜ କହିଛନ୍ତି। ବିଲେଇପଦା ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ସର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି।



# ୩୦ ଲକ୍ଷ ଟଙ୍କା ଆତ୍ମସାତ୍ କରି ଦମ୍ପତି ଫେରାର



ଥାନାକୁ ଅଭିଯୋଗ କରିବାକୁ ଆସିଥିବା ମହିଳାମାନେ।

**ଥାନାର ଦ୍ୱାରସ୍ଥ ହେଲେ ମହିଳା**

ପାଟଣା,୫।୫(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବଡ଼ ପାଟଣା ପଞ୍ଚାୟତ ମୁଖ୍ୟାଳୟ ଟାଇଁଶିରା ଗ୍ରାମର ଜନୈକ ଦମ୍ପତି ୨୩ ଜଣ ମହିଳାଙ୍କ ୩୦ ଲକ୍ଷ ଟଙ୍କା ନେଇ ଫେରାର ହୋଇଯାଇଛନ୍ତି। ଏ ନେଇ ରବିବାର ଠକାମୀର ଶିକାର ହୋଇଥିବା ମହିଳାଙ୍କ ସମେତ ଗ୍ରାମବାସୀ ଥାନାର ଦ୍ୱାରସ୍ଥ ହୋଇ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ଆଦିବାସୀ, ହରିଜନ ମହିଳାମାନେ ବିଭିନ୍ନ ଘରୋଇମାଇକ୍ରୋ ଫାଇନାନ୍ସ ସଂସ୍ଥାରୁ ୩୦ ଲକ୍ଷ ଟଙ୍କା ଉଠାଇଥିଲେ। ଦମ୍ପତି ମହିଳାମାନଙ୍କଠାରୁ ୫୦ ହଜାର ଟଙ୍କା ନେଇ ପ୍ରତିବଦଳରେ ୫ ହଜାର ଦେଇ ସବୁ ଋଣ ସୁଝିବେ କହି ଅର୍ଥ ନେଇଥିଲେ। ଏଥିସହ ଟାଇଁଶିରା ଗାଁ ଫଣ୍ଡରେ ଥିବା ୧୫ ଲକ୍ଷ ଟଙ୍କା ମଧ୍ୟ କୋର୍ଟ ପେପରରେ ଦସ୍ତଖତ କରି ନେଇଯାଇଥିଲେ। ପରେ ଟଙ୍କା ନେଇ ପିଲା ଛୁଆଙ୍କୁ ଧରି ଦମ୍ପତି ଫେରାର ହୋଇଯାଇଥିବା ମାମି ପାତ୍ର, ରିତୁ କରୁଆ, ମିତା ବେହେରା, ମଙ୍ଗୁଳି କାରୁଆ, ମମତା ସାହୁ, ଶଙ୍ଖ ସାହୁ, ସାବିତ୍ରୀ ପାତ୍ର, ରିଙ୍କି ପାତ୍ର, ସସ୍ମିତା ପାତ୍ର ପ୍ରମୁଖ କହିଛନ୍ତି। ଫାଇନାନ୍ସ କମ୍ପାନୀର କର୍ମଚାରୀ କିସ୍ତି ମାଗିବାରୁ ରବିବାର ଗ୍ରାମର ରିତୁ ପାତ୍ର ମାନସିକ ଭାରସାମ୍ୟ ହରାଇ ବିଷ ପିଇବାକୁ ଉଦ୍ୟମ କରୁଥିବା ବେଳେ ମହିଳାମାନେ ଉଦ୍ଧାର କରିଥିଲେ। ଦମ୍ପତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଗ୍ରାମବାସୀ ଅନୁରୋଧ କରିଛନ୍ତି। ଏନେଇ ଏକ ଠକେଇ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ବିବସ୍ୱ ପ୍ରଧାନ କହିଛନ୍ତି।

# ନିରପେକ୍ଷ ନିର୍ବାଚନ ପରିଚାଳନା ଉପରେ ଗୁରୁତ୍ୱ

**ସାଧାରଣ ପର୍ଯ୍ୟବେକ୍ଷକଙ୍କ କେନ୍ଦୁଝର ଜିଲାଗସ୍ତ**

କେନ୍ଦୁଝର,୫।୫(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର): କେନ୍ଦୁଝର ଜିଲାରେ ଅନୁଷ୍ଠିତ ହେବାକୁଥିବା ସାଧାରଣ ନିର୍ବାଚନର ସୁପରିଚାଳନା ନିମନ୍ତେ ପ୍ରସ୍ତୁତି ଓ ପଦକ୍ଷେପର ତଦାରଖ ପାଇଁ ସାଧାରଣ ପର୍ଯ୍ୟବେକ୍ଷକ ଗସ୍ତ କରି ସମୀକ୍ଷା କରିଛନ୍ତି। ସ୍ଥାନୀୟ ସର୍କିଟ ହାଉସର ସମ୍ମିଳନୀ ଗୃହରେ ଅନୁଷ୍ଠିତ ବୈଠକରେ କେନ୍ଦୁଝର ପାଇଁ ନିଯୁକ୍ତ ସାଧାରଣ ପର୍ଯ୍ୟବେକ୍ଷକ ମିନହାଜ ଆଲାମ ଓ ଆଶିଷ ମୋଦି ସାମୂହିକ ଭାବେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଜିଲାପାଳ ବିଶାଲ ସିଂହ ଜିଲାର ନିର୍ବାଚନ ପ୍ରସ୍ତୁତି ସମ୍ବନ୍ଧୀୟ ସମସ୍ତ ତଥ୍ୟ ଉପସ୍ଥାପନ କରିଥିଲେ। ସାଧାରଣ ପର୍ଯ୍ୟବେକ୍ଷକ ବିଶେଷ କରି ମତଦାନ ନିମନ୍ତେ ଭୋଟରଙ୍କ ସୁବିଧା, ବୁଥ୍ ଗୁଡ଼ିକର ସ୍ଥାନ ଓ ସ୍ଥିତି, ଇଭିଏମ ପ୍ରସ୍ତୁତି, ପୋଲିଂ ଅଧିକାରୀ, ସେକ୍ଟର ଅଧିକାରୀ, ମାଇକ୍ରୋ ପର୍ଯ୍ୟବେକ୍ଷକଙ୍କ ପ୍ରଶିକ୍ଷଣ, ନିର୍ବାଚନ ଖର୍ଚ୍ଚ ପରିଚାଳନା, ସିଭିଜିଲ ରିପୋର୍ଟ, ଏମସିଏମସି ରିପୋର୍ଟ, ପୋଷ୍ଟାଲ ବାଲାଟ୍, ହୋମ ଭୋଟିଂ, ସମ୍ବେଦନଶୀଳ ବୁଥ, ପୋଲିସ ମୁତୟନ, ଆବଶ୍ୟକ ପୋଲିସ ଫୋର୍ସ, ଫ୍ଲାଇଂ ସ୍କ୍ୱାର୍ଡ ଏସଏସଟି, ଅବକାରୀ ବିଭାଗ ଦ୍ୱାରା ବେଆଇନ ନିଶାଦ୍ରବ୍ୟ, ଟଙ୍କା ଜବତ ଉପରେ ସମୀକ୍ଷା କରିଥିଲେ। ନିର୍ବାଚନ ପରିଚାଳନା ପ୍ରସ୍ତୁତିରେ ସନ୍ତୋଷ ବ୍ୟକ୍ତ କରିବା ସହ ଚଳିତ ମାସ ୨୫ ତାରିଖରେ ହେବାକୁ ଥିବା ଏକକାଳୀନ ଲୋକସଭା ଓ ବିଧାନସଭା ନିର୍ବାଚନ ପରିଚାଳନା ସମ୍ପୂର୍ଣ୍ଣ ନିରପେକ୍ଷ ଓ ଶାନ୍ତିପୂର୍ଣ୍ଣ ଭାବେ ସମାପନ ହେବ ବୋଲି ଆଶାବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଯଦୁମଣି ମହଲା, ଲଳିତ ସୋରେଙ୍ଗ, କେନ୍ଦୁଝର ଉପ ଜିଲାପାଳ ତ୍ରିଲୋଚନ ମହାନ୍ତି ଓ ଡେପୁଟି କଲେକ୍ଟର (ନିର୍ବାଚନ) ବିକାଶ ଚନ୍ଦ୍ର ସାହୁ ଉପସ୍ଥିତ ଥିଲେ।

# ଜୟଦେବଙ୍କ ସମ୍ପତ୍ତି ୪ କୋଟି

ସୋସୋ,୫।୫(ସତ୍ୟବ୍ରତ ଜେନା)



କେନ୍ଦୁଝର ଜିଲା ଆନନ୍ଦପୁର ନିର୍ବାଚନ ମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ଜୟଦେବ ଜେନାଙ୍କର ସ୍ଥାବର ଅସ୍ଥାବର ସମ୍ପତ୍ତି ୪ କୋଟି ହେବା ନେଇ ନାମାଙ୍କନ ପତ୍ରରେ ଉଲ୍ଲେଖ କରିଛନ୍ତି। ତାଙ୍କର ସମୁଦାୟ ୪ କୋଟି ୪୭ ଲକ୍ଷ ୮୫ ହଜାର ୪୧୮ ଟଙ୍କା ରହିଛି। ତାଙ୍କ ନାମରେ ଏକ ରାଜୁତ ମୋଟର ସାଇକେଲ ଥିବା ବେଳେ ଆଉ କୌଣସି ଗାଡି ତାଙ୍କ ନାମରେ ନାହିଁ। ସେହିପରି ତାଙ୍କ ନିକଟରେ ୫୫୦ ଗ୍ରାମ ସୁନା ଅଳଙ୍କାର ରହିଛି। ଏହାର ମୂଲ୍ୟ ୩୫ ଲକ୍ଷ ୭୫ ହଜାର ଟଙ୍କା ହେବା ନେଇ ନିଜ ସତ୍ୟ ପାଠରେ ଦର୍ଶାଇଛନ୍ତି। ନିଜ ପାଖରେ ୧ ଲକ୍ଷ ଟଙ୍କା ନଗଦ ଥିବା ବେଳେ ତାଙ୍କ ନାମରେ କୌଣସି ଋଣ ନ ଥିବା ସେ ଦର୍ଶାଇଛନ୍ତି। ଜୟଦେବ ପୂର୍ବରୁ ଏହି ଆସନରୁ ବହୁବାର ବିଧାୟକ ଭାବେ ନିର୍ବାଚିତ ହୋଇ ମନ୍ତ୍ରୀ ହେଇଥିଲେ।

# କାମରେ ଲାଗୁନି ଜାତୀୟ ରାଜପଥ ବସ୍‌ଷ୍ଟପ୍

**ଦୂର ଯୋଗୁ ଲୋକେ ଯାଉନାହାନ୍ତି**

କେନ୍ଦୁଝର,୫।୫(ଦୀପକ ମିଶ୍ର)



କେନ୍ଦ୍ର ସରକାରଙ୍କ ସଡ଼କ ଓ ପରିବହନ ବିଭାଗ ଅଧୀନରେ ଥିବା ଏନ୍‌ଏଚ୍‌ଏଆଇର ମନମୁଖୀ କାମ ଯୋଗୁ ସରକାରୀ ଅର୍ଥ ବରବାଦ ହେଉଛି। ଜନସାଧାରଣଙ୍କ ସୁବିଧା ନିମନ୍ତେ ପାଣିକୋଇଲିଠାରୁ ରିମୁଳି ପର୍ଯ୍ୟନ୍ତ ରାଜପଥ ନିର୍ମାଣ ହୋଇଥିଲେ ବି ଲୋକେ ସୁବିଧା ପାଉନାହାନ୍ତି। ରାଜପଥର ଅନେକ ସ୍ଥାନରେ ନିର୍ମାଣ ହୋଇଥିବା ବସଷ୍ଟପ୍ ଛକ ଓ ଗାଁଠାରୁ ଦୂରରେ ନିର୍ମାଣ ହୋଇଥିବାରୁ ଏହା କାମରେ ନ ଲାଗି ପରିତ୍ୟକ୍ତ ଅବସ୍ଥାରେ ପଡ଼ିଛି।

ସୂଚନା ଅନୁଯାୟୀ, ପାଣିକୋଇଲିଠାରୁ ରିମୁଳି ପର୍ଯ୍ୟନ୍ତ ରାଜପଥ କାମ ହେବାର ୭ ରୁ ୮ ବର୍ଷ ବିତିଗଲାଣି। ମାତ୍ର ଆଜି ପର୍ଯ୍ୟନ୍ତ ବସଷ୍ଟପ୍ ନାମରେ ଫ୍ରେମ ଗୋଟିଏ ଲେଖାଏ ଥୋଇ କାମ ଚଳାଉଥିଲେ। ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶ ପରେ କିଛିଦିନ ପୂର୍ବେ ରାସ୍ତାର ଅନେକ ସ୍ଥାନରେ ଥିବା ପରିତ୍ୟକ୍ତ ଫ୍ରେମଗୁଡ଼ିକ ଉପରେ ଛାଉଣି ହୋଇ ବସ୍‌ଷ୍ଟପ ଲେଖାଯାଇଛି। କିନ୍ତୁ ଯାତ୍ରୀଙ୍କ ସମସ୍ୟା ପ୍ରତି ଧ୍ୟାନ ନ ଦେଇ ଗାଁଠାରୁ ୧ରୁ ୨ କିଲୋମିଟର ଲେଖାଏ ଦୂରରେ ବସ୍‌ଷ୍ଟପ୍ ନିର୍ମାଣ ହୋଇଛି। ରାଜପଥର ରାଇସୁଆଁଠାରେ ଥିବା ୨ ବସ୍‌ଷ୍ଟପ ଗାଁ ବାହାରେ ଥିବାରୁ ଯାତ୍ରୀ ସେଠାକୁ କେବେ ହେଲେ ଯାଉନାହାନ୍ତି। ଏପରି ଉକ୍ତ ସ୍ଥାନରେ ବସ ମଧ୍ୟ ରହୁ ନ ଥିବା ଅଭିଯୋଗ ହେଉଛି। ବସ୍‌ଷ୍ଟପ୍ ନିକଟରେ ଆଲୋକ ବ୍ୟବସ୍ଥା କରାଯାଇ ନ ଥିବାରୁ ରାତ୍ରକାଳୀନ ବସ ରହଣି ସ୍ଥାନ ପାଇଁ ମଧ୍ୟ ଏଗୁଡ଼ିକ ଆଦୌ ପ୍ରଯୁଜ୍ୟ ନୁହେଁ। ଏ ନେଇ କେନ୍ଦୁଝରଠାରେ ଥିବା ଏନ୍‌ଏଚ୍‌ଏଆଇର ପ୍ରକଳ୍ପ ନିର୍ଦ୍ଦେଶକ ମହେଶ ଗାମୀଙ୍କୁ ପଚାରିବାରୁ ସେ ସ୍ୱୀକାର କରିବା ସହ ଧୀରେ ଧୀରେ ଅସୁବିଧାକୁ ଦୂର କରିବାକୁ ପ୍ରତିଶ୍ରୁତି ଦେଇଥିଲେ।

# ଖରା ମନେପକାଉଛି ଗଛର ଆବଶ୍ୟକତା

**ରାସ୍ତା ସମ୍ପ୍ରସାରଣ ନାଁରେ ଉଜାଡ଼ିଦେଲେ**

କେନ୍ଦୁଝର,୫।୫(ନରେଶ ଚନ୍ଦ୍ର ପଟ୍ଟନାୟକ)



ସଦର ବ୍ଲକ୍ ରାଇସୁଆଁ ନିକଟରେ ସଦରଥାନା ସମ୍ମୁଖ ତଥା ଏୟାରଷ୍ଟ୍ରିପକୁ ଯାଇଥିବା ପୁରୁଣା ରାସ୍ତା।

ଦିନେ ବୃକ୍ଷଲତାରେ ଭରପୁର ଥିବା କେନ୍ଦୁଝର ଜିଲାର ରାଜରାସ୍ତା ଆଜି ଖାଁ ଖାଁ ହୋଇପଡ଼ିଛି। ରାସ୍ତା ଉନ୍ନତୀକରଣ ନାମରେ ଅନେକ ଲକ୍ଷ ପୁରୁଣା ଫଳନ୍ତି ଓ ଉପାଦେୟ ଗଛ କାଟି ଦିଆଯାଇଛି। ଏହା ବଦଳରେ ଗଛ ଲଗାଯାଇ ନ ଥିବାରୁ ଆଜି ଜିଲାରେ ପ୍ରବଳ ଗରମ ପରିସ୍ଥିତି ସୃଷ୍ଟି ହୋଇଛି। ଯେଉଁ କିଛି ସୌଖିନ ଗଛ ଲଗାଯାଇଛି ସେ ସବୁ ରକ୍ଷଣାବେକ୍ଷଣ ଅଭାବରୁ ବଢ଼ିବା ଆଗରୁ ନଷ୍ଟ ହୋଇଯିବାକୁ ବସିଛି। ଫଳରେ ରାସ୍ତାରେ ଯିବା ବେଳେ ବାଟୋଇ ଛାଇ ଟିକିଏ ପାଇଁ ଉହଳବିକଳ ହେଉଛନ୍ତି। ପ୍ରକାଶ ଯେ, ଜିଲା ଦେଇ ୨ ଜାତୀୟ ରାଜପଥ ୨୦ ଓ ୪୯ (ଯାହାକି ଆଗରୁ ୨୧୫ ଓ ୬ ନମ୍ବର ଥିଲା) ଯାଇଛି। ଜାତୀୟ ରାଜପଥ ୨୦ର ସମ୍ପ୍ରସାରଣ ପାଇଁ ଦୁଇ ପାର୍ଶ୍ୱରେ ଥିବା ବର, ଅଶ୍ୱତଥ, ଆମ୍ବ, ଜାମୁ, ନିମ୍ବ ଆଦି ବହୁ କିସମର ଗଛକୁ ସେ ସମୟ କଟାଯାଇଥିଲା। ସଦର ବ୍ଲକ୍ ରାଇସୁଆଁ ନିକଟରେ ସଦରଥାନା ସମ୍ମୁଖ ତଥା ଏୟାରଷ୍ଟ୍ରିପକୁ ଯାଇଥିବା ପୁରୁଣା ରାସ୍ତା ସେଦିନର ପରିବେଶକୁ ଏବେ ମନେପକାଇ ଦେଉଛି। ସେଠାରେ ରାସ୍ତା ଟ୍ରେନ୍ ଲାଇନ ଯୋଗୁ ବୁଲି ଅନ୍ୟ ରାସ୍ତାରେ ଯାଇଥିବାରୁ ଉକ୍ତ ପୁରୁଣା ରାସ୍ତା ଏବେ ମଧ୍ୟ ଅକ୍ଷତ ରହିଛି ଏବଂ ପୁରୁଣା ସ୍ମୃତି ଓ ଗଛକୁ ସାଇତି ରଖିଛି। ସେତେବେଳେ ରାସ୍ତା ଅଣଓସାରିଆ ଥିଲେ ମଧ୍ୟ ରାସ୍ତା ପାର୍ଶ୍ୱରେ ରାଜାରାଜୁଡା ଅମଳରୁ ଥିବା ବଡ଼ବଡ଼ ଗଛ ଏକ ନିଆରା ଅନୁଭୂତି ହୋଇ ରହିଛି। ଲୋକେ ରାସ୍ତାରେ ଗଲାବେଳେ ଛାଇ ପାଇବା ସହ ଖାଇବାକୁ ବିଭିନ୍ନ ପ୍ରକାରର ଆମ୍ବ, ଜାମୁ ଆଦି ଫଳ ମିଳୁଥିଲା। ଗଛରୁ ଅନେକ ଗରିବ ଲୋକ ଫଳ ସଂଗ୍ରହ କରି ବିକି ପରିବାର ଗୁଜୁରାଣ ମେଣ୍ଟାଉଥିଲେ। ଯତାୟାତ କରୁଥିବା ଲୋକେ ଦଣ୍ଡେ ଗଛ ତଳେ ଛିଡ଼ା ହୋଇଯାଉଥିଲେ। ଖରା ଦିନରେ ମିଳୁଥିବା ଶୀତଳ ଛାଇ ବା ପବନର ଆନନ୍ଦ ଆଜି ପ୍ରବଳ ଖରାରେ ସମସ୍ତଙ୍କୁ ମନେ ପକାଇଦେଉଛି। ଏବେ ରାସ୍ତାରେ ଛାଇ ଟିକେ ମିଳିବା କଷ୍ଟ ବୋଲି ବରିଷ୍ଠ ନାଗରିକ ପ୍ରଦୀପ କୁମାର ରାଉତ। ସେହିପରି ଏନଏଚ ୪୯ରେ ରାସ୍ତା ସମ୍ପ୍ରସାରଣ ଯୋଗୁ କାଞ୍ଚିପାଣି (ପର୍ଯ୍ୟଟନ କେନ୍ଦ୍ର) ଘାଟିର ପରିବେଶ ଉଜୁଡ଼ି ଯାଇଛି। ବର୍ଷା ଦିନରେ ସବୁଜ ସୁଡ଼ଙ୍ଗ ସାଙ୍ଗକୁ ପାହାଡ଼ର ଛୋଟ ଛୋଟ ଝରଣାର ପ୍ରବାହର ଦୃଶ୍ୟ ଆଉ ଦେଖିବାକୁ ମିଳୁନି। ସେହିପରି ସମ୍ପ୍ରସାରଣ ନାମରେ କେନ୍ଦୁଝର(ନରଣପୁର)– ହରିଚନ୍ଦନପୁର– ଡୁବୁରି ରାସ୍ତା କଡ଼ ପରିବେଶ କ୍ଷତିଗ୍ରସ୍ତ ହୋଇଛି। ପରିବେଶବିତ୍ ହରେକୃଷ୍ଣ ମହାନ୍ତ କହିଛନ୍ତି, ଆଜି ତାପମାତ୍ରା ୪୫ ଡିଗ୍ରୀ ଉପରେ ପହଞ୍ଚୁଥିଲେ ବି ଲୋକେ ଚେତୁନାହାନ୍ତି। ପୁରୁଣା ଗଛ କାଟି ଦେଉଛନ୍ତି। ପରିବେଶବିତ ଦୁଷ୍କର ବାରିକ କହିଛନ୍ତି, ଉତ୍ତାପ, ଜଳବାୟୁ ପରିବର୍ତ୍ତନରୁ ରକ୍ଷା ପାଇଁ ବନୀକରଣ, ପ୍ରାକୃତିକ ଜଙ୍ଗଲର ସୁରକ୍ଷା ଜରୁରୀ। ଏଥିପାଇଁ ସମସ୍ତଙ୍କ ସହଭାଗିତା ଆବଶ୍ୟକ।

## ସଂକ୍ଷେପରେ

### ଭୋଗରାଇ ବିଜେଡିର ନିର୍ବାଚନୀ ସଭା

ଭୋଗରାଇ,୫।୫(ପ୍ରଦୀପ ଦାସ) ବାଲେଶ୍ୱର ଜିଲା ଭୋଗରାଇ ନିର୍ବାଚନମଣ୍ଡଳୀରେ ବିଜୁ ଜନତା ଦଳର ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଯାଇଛି। ଏମ୍‌ପି ପ୍ରାର୍ଥୀନୀ ଲେଖାଶ୍ରୀ ସାମନ୍ତସିଂହାର ଭୋଗରାଇରେ ପହଞ୍ଚିବା ପରେ ବିଧାୟକ ପ୍ରାର୍ଥୀ ଗୌତମବୁଦ୍ଧ ଦାସଙ୍କ ନେତୃତ୍ୱରେ ବହୁ ଦଳୀୟ ନେତା ଓ କର୍ମୀ ତାଙ୍କୁ ଉଚ୍ଛ୍ୱସିତ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଲେଖାଶ୍ରୀ ପ୍ରଥମେ ଉଦପଦା ଗ୍ରାମଠାରେ ଭୋଗରାଇ ବିଜେଡିର ଛାମୁଆ ନେତାଙ୍କୁ ନେଇ ଏକ ବୈଠକ କରିଥିଲେ। ପରେ ସେଠାରେ ଦଳୀୟ ନୂତନ କାର୍ଯ୍ୟାଳୟର ଉଦ୍‌ଘାଟନ କରିଥିଲେ। ସେଠାରୁ ଆସି ଚନ୍ଦନେଶ୍ୱର ମହାଦେବଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ସନ୍ଧ୍ୟାରେ ଗୋଛିଦା ତେଘରୀ ପଞ୍ଚାୟତ ପଡ଼ିଆଠାରେ ବିଜେଡି ଭୋଗରାଇ ଶାଖା ସଭାପତି ରମାକାନ୍ତ କରଣଙ୍କ ପୌରହିତ୍ୟରେ ଏକ ସଭା ଆୟୋଜିତ ହୋଇଥିଲା। ଦଳର ନେତା ମାନସ ଦାସ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ଏମ୍‌ପି ପ୍ରାର୍ଥୀନୀ ଲେଖାଶ୍ରୀ ତାଙ୍କ ବକ୍ତବ୍ୟରେ ଭାଜପା ଓଡ଼ିଶାରେ ଭଙ୍ଗା ଚୌକି ଓ କଂଗ୍ରେସ ଗଭୀର ସମୁଦ୍ରରେ ବୁଡ଼ି ଯାଉଥିବା ଡ଼ଙ୍ଗା ବୋଲି କହିବା ସହିତ ମୁଖ୍ୟମନ୍ତ୍ରୀଙ୍କ ବିକାଶ ଧାରାରେ ବାଲେଶ୍ୱରବାସୀ ସାମିଲ ହୋଇ ବିଜେଡି ପ୍ରାର୍ଥୀଙ୍କୁ ଭୋଟ ଦେଇ ଜୟଯୁକ୍ତ କରିବାକୁ ଆହ୍ୱାନ ଦେଇଥିଲେ। ଏହି ସଭାରେ ବିଧାୟକ ପ୍ରାର୍ଥୀ ଗୌତମବୁଦ୍ଧ ଦାସ, ପଞ୍ଚାୟତ ସମିତି ଅଧକ୍ଷ ପ୍ରବୀର କୁମାର ଗିରି, ଜିଲା ପରିଷଦ ଅଧକ୍ଷ ନାରାଣ ଚନ୍ଦ୍ର ପ୍ରଧାନ, ଜିଲା ଉପସଭାପତି ତପନ କୁମାର ପଣ୍ଡା, ଜିଲାପରିଷଦ ସଦସ୍ୟା ପ୍ରତିମା ଚାନ୍ଦ, ବରିଷ୍ଠ ନେତା ନଗେନ୍ଦ୍ର ପାତ୍ର, ପ୍ରଦୀପ କୁମାର ବେହେରା, ସୁଶାନ୍ତ କୁମାର ନାୟକ ପ୍ରମୁଖ ଯୋଗଦେଇ ବିଧାୟକ ଅନନ୍ତ ଦାସ ଉନ୍ନୟନ ଯୋଜନାର ବିନ୍ଧାଣୀ ବୋଲି କହି ବିଜେଡି ପ୍ରାର୍ଥୀଙ୍କୁ ଜୟଯୁକ୍ତ କରିବାକୁ ନିବେଦନ କରିଥିଲେ।

### ଭୋଗରାଇ ଭାଜପାର ବୈଠକ

ଭୋଗରାଇ,୫।୫(ପ୍ରଦୀପ ଦାସ): ଜଳେଶ୍ୱରପୁର ଡାକ୍ତରଖାନା ସମ୍ମୁଖ ଆକ୍ସିସ ବ୍ୟାଙ୍କ ଉପର ମହଲାରେ ଭୋଗରାଇ ଭାଜପାର ବରିଷ୍ଠ ଓ ଛାମୁଆ ନେତାଙ୍କୁ ନେଇ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ଜିଲା ବିଧାନସଭା ପ୍ରଭାରୀ ଅରବିନ୍ଦ ବେହେରା ଯୋଗଦେଇ ପ୍ରତ୍ୟେକ ବୁଥରେ ଅଧିକ ଭୋଟ ପାଇଁ ମୋଦିଙ୍କ ଲାଭାର୍ଥୀ ଯୋଜନା ଘରେ ଘରେ ପହଞ୍ଚାଇବା ଓ ସଚେତନ କରିବା ନିମନ୍ତେ ନେତା ଓ କର୍ମୀମାନେ ୧୨ ଘଣ୍ଟା କାର୍ଯ୍ୟ କରନ୍ତୁ ବୋଲି ପ୍ରକାଶ କରିଥିଲେ। ଭାଜପାର ବରିଷ୍ଠ ନେତା କ୍ୟାପଟେନ ଅଶୋକ କୁମାର ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ଭାଜପା ପ୍ରାର୍ଥୀ ଆଶିଷ କୁମାର ପାତ୍ର, ବରିଷ୍ଠ ନେତା ସୁନୀଲ କୁମାର କର, ନୀଳକଣ୍ଠ ଘୋଷ, ସମିତି ସଦସ୍ୟ ରାଧାକାନ୍ତ ପ୍ରଧାନ ଭବଶଙ୍କର ମହାନ୍ତି, ସଞ୍ଜୀବ କୁମାର ସାହୁ, ଶକ୍ତିପଦ ପାଣ୍ଡେ, ଦିଲ୍ଲୀପ କାମିଲା, ଅମଳେନ୍ଦୁ ଦାସ, ନିଶେଷ ଦେବ, ସୁଭାଷ ଚାନ୍ଦ, ସନ୍ତୋଷ ଗିରି, ବିସ୍ତାରକ କାର୍ତ୍ତିକେଶ୍ୱର ପ୍ରଧାନ, ମଣ୍ଡଳ ସଭାପତି ବ୍ରଜକିଶୋର ମହାନ୍ତି, ଗୋପାଳ ପଣ୍ଡା, ନନୀ ଗୋପାଳ ପାତ୍ର, ରୂପକ ଜେନା, ପରମାନନ୍ଦ ପରିଡ଼ା ପ୍ରମୁଖ ଛାମୁଆ ନେତାମାନେ ଉପସ୍ଥିତ ଥିଲେ।

# ଡ୍ରେନ୍ ନିର୍ମାଣକୁ ନେଇ ବଢ଼ିଲା ଅସନ୍ତୋଷ

## ସୁହାଇଲା ଭଳି କାମ କରୁଛି ପୂର୍ତ୍ତ ବିଭାଗ

ଖଇରା,୫।୫(ଉତ୍କଳବନ୍ଧୁ ପଣ୍ଡା)


ବ୍ଲକ ଛକଠାରେ ବିଦ୍ୟୁତ୍ ଖୁଣ୍ଟ କଡ଼ ଦେଇ ଡ୍ରେନ୍‌କୁ ବଙ୍କେଇ ନିଆଯାଉଛି।

ବାଲେଶ୍ୱର ଜିଲା ଅଧୀନ ଖଇରା ବଜାରରେ ବନ୍ୟା ଚିର ସହଚର ପାଲଟିଥିବା ବେଳେ ବିପର୍ଯ୍ୟସ୍ତ ଡ୍ରେନ ବ୍ୟବସ୍ଥା ଏଥିପାଇଁ ମୁଖ୍ୟତଃ ଦାୟୀ ବୋଲି କୁହାଯାଏ। ହେଲେ ବନ୍ୟାରୁ ମୁକୁଳିବା ଲାଗି କୋଟି କୋଟି ଟଙ୍କା ବ୍ୟୟରେ ଚାଲିଥିବା ଡ୍ରେନ କାମକୁ ନେଇ ସାଧରଣରେ ପ୍ରଶ୍ନ ଉଠିଛି। ପୂର୍ତ୍ତ ଓ ବିଦ୍ୟୁତ୍ ବିଭାଗର ସମନ୍ୱୟ ଅଭାବ ତଥା ପୂର୍ତ୍ତବିଭାଗ ଅଧିକାରୀଙ୍କ ଖାମଖିଆଲି ଚିନ୍ତାଧାରା ଏଥିପାଇଁ ଦାୟୀବୋଲି ଖଇରା ବଜାରର ବ୍ୟବସାୟୀମାନେ ଅଭିଯୋଗ କରିଛନ୍ତି। ବିଦ୍ୟୁତ୍ ଖୁଣ୍ଟ ଉଠାଇ ଡ୍ରେନ୍‌କୁ ସିଧା କରି ନିଆଯିବା ପରିବର୍ତ୍ତେ ତରବରିଆ ଭାବେ କାମ ସାରିବାକୁ ବଙ୍କା ତେଢ଼ା କରି ନିଜ ଇଛା ମୁତାବକ ନିର୍ମାଣ କରାଯିବାକୁ ନେଇ ବଜାରବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଯଦି ବିଦ୍ୟୁତ୍ ଖୁଣ୍ଟ ଉଠା ନ ଯାଇ ଏହିଭଳି ଭାବେ କାର୍ଯ୍ୟ ଚାଲୁରହେ ତେବେ ସମୂହ ବଜାରବାସୀ ବନ୍ୟାରୁ ରକ୍ଷାପାଇବା ପାଇଁ ଉଚ୍ଚ ଅଦାଲତର ଦ୍ୱାରସ୍ଥ ହେବାକୁ ଚେତାବନୀ ଦେଇଛନ୍ତି। ଅନନ୍ତପୁର-ସୋର-କୁପାରୀ ରାସ୍ତାର ବଣପାରିଆ ଛକରୁ ଖଇରା ବଜାର ଦେଇକୋଟିଆକୋଇଲି ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ଅଧୀନରେ ଅଢ଼େଇ କି.ମି. ଡ୍ରେନ୍ ନିର୍ମାଣ ପାଇଁ ୫କୋଟି ୨୫ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ରାସ୍ତା କଡ଼ରେ ଥିବା ବିଦ୍ୟୁତ୍ ଖୁଣ୍ଟ ଓ ଟ୍ରାନ୍ସଫର୍ମର ଉଠାଇବାକୁ ବିଦ୍ୟୁତ୍ ବିଭାଗକୁ ଅବଗତ କରାଯାଇଥିଲା। ହେଲେ ବିଭାଗ ଏଷ୍ଟିମେଟ ପ୍ରଦାନରେ ବିଳମ୍ବ କରିବାରୁ ପୂର୍ତ୍ତ ବିଭାଗ ନିର୍ଦ୍ଦେଶରେ ଠିକାଦାର ଆସନ୍ନ ବନ୍ୟାକୁ ଦୃଷ୍ଟିରେ ରଖି କାମ ଆରମ୍ଭ କରିଦେଇଥିଲେ। ମାର୍ଚ୍ଚ ମାସ ୧୬ ତାରିଖରେ ବିଦ୍ୟୁତ୍ ବିଭାଗ ପକ୍ଷରୁ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଦେଇଥିବା ଏଷ୍ଟିମେଟ ଓ ସର୍ଭେ ରିପୋର୍ଟରେ ଖୁଣ୍ଟ ଉଠାଇବାକୁ ୧କୋଟି ୯୨ଲକ୍ଷ ଟଙ୍କା ବିଭାଗକୁ ପ୍ରଦାନ କରିବାକୁ କୁହାଯାଇଥିଲା। ଯେଉଁଥିପାଇଁ ମୁଖ୍ୟଯନ୍ତ୍ରୀଙ୍କ ଅନୁମୋଦନର ଆବଶ୍ୟକତା ଥିଲା। ମାର୍ଚ୍ଚ ୨୮ରେ ଆଚରଣବିଧି ଲାଗୁ ହୋଇଯିବା ପରେ ଅର୍ଥ ଆସିବାରେ ବାଧକ ସାଜିଥିଲା । ସେପଟେ ପୂର୍ତ୍ତ ବିଭାଗ କାର୍ଯ୍ୟ ଆରମ୍ଭ କରିସାରିଥିବାରୁ ପୁଣି ବନ୍ୟା ଦାଉରୁ ବର୍ତ୍ତିବାକୁ କେନାଲକୁ ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ ସାଇଡ କରି ଖୁବ ତରବରିଆ ଭାବେ ବଙ୍କାତେଢ଼ା କରି ନିର୍ମାଣ କରିବାରେ ପୁଣି ଥରେ ବନ୍ୟା ଆଶଙ୍କାକୁ ଉଦ୍‌ଜିବିତ କରିଛି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗର ସହାକାରୀ ଯନ୍ତ୍ରୀ ସଙ୍ଗୀତା ସାହୁଙ୍କୁ ପଚାରିବାରୁ ସେ କନିଷ୍ଠଯନ୍ତ୍ରୀଙ୍କୁ ପଠାଇ ଉକ୍ତ କାର୍ଯ୍ୟର ତଦାରଖ କରିବେ ବୋଲି କହିଛନ୍ତି।

# ରାଇବଣିଆରେ ବିଜେଡି କର୍ମୀ ସମାବେଶ


କର୍ମୀ ସମାବେଶରେ ଉପସ୍ଥିତ ବିଜେଡି କାର୍ଯ୍ୟକର୍ତ୍ତା।

ଜଳେଶ୍ୱର,୫।୫(ନବୀନ ସାହୁ)

ଜଳେଶ୍ୱର ବ୍ଲକ ରାଇବଣିଆ ପଞ୍ଚାୟତର ରାଇବଣିଆ ଗାଁରେ ଶନିବାର ସୁକାନ୍ତ ଘୋଷଙ୍କ ବାସଭବନରେ ବିଜେଡି କର୍ମୀ ସମାବେଶ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଜଳେଶ୍ୱର ବ୍ଲକ ବିଜେଡି ସଭାପତି ଦିଲ୍ଲୀପ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମନ୍ତ୍ରୀ ତଥା ବିଧାୟକ ପ୍ରାର୍ଥୀ ଅଶ୍ୱିନୀ କୁମାର ପାତ୍ର ଯୋଗଦେଇ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ବାବଦରେ ଆଲୋଚନା କରିଥିଲେ। ପଞ୍ଚାୟତ ସମିତି ଅଧକ୍ଷ ମାନସ ଜେନା ଯୋଗଦେଇ ଜଳେଶ୍ୱର ନିର୍ବାଚନ ମଣ୍ଡଳୀରେ ହୋଇଥିବା ଉନ୍ନତିମୂଳକ କାର୍ଯ୍ୟ ବାବଦରେ ଲୋକଙ୍କୁ ସୂଚନା ଦେଇଥିଲେ। ମିଶ୍ରଣ ପର୍ବ ସଭାରେ ବିଭିନ୍ନ ଦଳ ଛାଡି ନୃସିଂହ ଜେନା, ମୋତିଲାଲ ପ୍ରଧାନ, ତରଣୀ ଗାନ୍ଧୀ, ସନ୍ତୋଷ ପରିଡ଼ା, ଗଙ୍ଗାଧର ହେମ୍ବ୍ରମ, ବାମଦେବ ପ୍ରଧାନ, ହରିଶ ଚନ୍ଦ୍ର ବାରିକ ଓ ଦେବେନ୍ଦ୍ର ଜେନା ବିଜୁ ଜନତା ଦଳରେ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଇବଣିଆ ସରପଞ୍ଚ ସନ୍ଦୀପ ନାରାୟଣ ଘୋଷ, ସଦସ୍ୟା ନାଗି ହେମ୍ବ୍ରମ, ଦିନେଶ କିସ୍କୁ, ତପନ ଦାସ, ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ବିଶ୍ୱଜିତ ପାଳ, ପଞ୍ଚାୟତ ବିଜେଡି ସଭାପତି ବିଷ୍ଣୁପଦ ଆଚାର୍ଯ୍ୟ, ପଞ୍ଚାୟତ ଯୁବ ବିଜେଡି ସଭାପତି ରାଜେଶ କୁମାର ଘୋଷ, ଛାତ୍ର ସଭାପତି ତପନ ମିଶ୍ର, ବାଦଲ ଦଳେଇ, ଚିନ୍ମୟ ଘୋଷ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ କହିବା ସହିତ ପୁଣି ଥରେ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ କହିଥିଲେ।

# ଆରମ୍ଭ ହେଲା ବୈଶାଖୀ ଉତ୍ସବ


ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

ଭୋଗରାଇ,୫।୫(ପ୍ରଦୀପ ଦାସ)

ସଂସ୍କାର ମନୋବୃତ୍ତିରୁ ସଂସ୍କୃତିର ସୃଷ୍ଟି। ସଂସ୍କୃତି ଚେତନା ଦୀପ୍ତ ହେଲେ ସମାଜରୁ ବୈଷମ୍ୟ ଦୂର ହୁଏ। ସାଂସ୍କୃତିକ ଅବକ୍ଷୟକୁ ରୋକିବାକୁ ହେଲେ ରୁଚିଗତ ସାଂସ୍କୃତିକ ଆନ୍ଦୋଳନ ଜରୁରୀ ବୋଲି ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ମା’ ବାଶୁଳୀ ଶକ୍ତିପୀଠସ୍ଥିତ ପଡ଼ିଆରେ ଶନିବାର ନବମ ବୈଶାଖୀ ଉତ୍ସବ ଉଦ୍‌ଘାଟନୀ ସନ୍ଧ୍ୟାରେ ବିଶିଷ୍ଟ ଅତିଥିମାନେ ମତ ପ୍ରକାଶ କରିଛନ୍ତି। ପ୍ରଥମ ସନ୍ଧ୍ୟାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା ପରେ ସଭା ଆୟୋଜିତ ହୋଇଥିଲା। ଉତ୍ସବ କମିଟିର ସଭାପତି ତଥା ପଞ୍ଚାୟତ ସମିତି ଅଧକ୍ଷ ପ୍ରବୀର କୁମାର ଗିରିଙ୍କ ପୌରହିତ୍ୟରେ ପରିଚାଳିତ ମଞ୍ଚରେ ସ୍ଥାନୀୟ ମହିଳା ମହାବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ଗାନ ପରେ ଉତ୍ସବର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ବିବରଣୀ ପାଠ କରିଥିଲେ ଉତ୍ସବ କମିଟିର ସଦସ୍ୟ ବଳରାମ ବିଶି ଏବଂ ଉମାକାନ୍ତ କର। ମୁଖ୍ୟ ଅତିଥି ଭାବେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ.ଦେବାଶିଷ ପାତ୍ର, ମୁଖ୍ୟ ବକ୍ତା ଜିଲାପରିଷଦ ସଦସ୍ୟା ଦମୟନ୍ତୀ ସାହୁ, ସମ୍ମାନିତ ଅତିଥି ସରପଞ୍ଚ ସୁଷମା କର, ସରପଞ୍ଚ ଦିଲ୍ଲୀପ କୁମାର ଦତ୍ତ ଯୋଗଦେଇ ମା’ ବାଶୁଳୀ ଶକ୍ତିପୀଠକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବାକୁ ସରକାରଙ୍କଠାରେ ଦାବି ରଖିଥିଲେ। ଧନ୍ୟବାଦ ଦେଇଥିଲେ ସାମାଜିକ କର୍ମୀ ଜଗବନ୍ଧୁ ଜେନା। ପରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଟିଭି ସିରିଏଲ ନାୟିକା ନାୟକଙ୍କ ସଂଳାପ, ବିଶିଷ୍ଟ କଣ୍ଠଶିଳ୍ପୀଙ୍କ ସୁମଧୁର ସଙ୍ଗୀତ ଓ ଆଧୁନିକ ନୃତ୍ୟ ଦର୍ଶକଙ୍କୁ ମତୁଆଲା କରିଥିଲା।

# ୬ ଜଣଙ୍କୁ ଟେକିନେଲା ପୋଲିସ

## ଜିକେ ଭଞ୍ଜ ହସ୍ପିଟାଲରେ ଡାକ୍ତରଙ୍କୁ ମାଡ଼ ଘଟଣା

ଜଳେଶ୍ୱର,୫।୫(ରବିନାରାୟଣ ପାତ୍ର): ଚିକିତ୍ସାରେ ଅବହେଳା ଅଭିଯୋଗକୁ ନେଇ ଜିକେ ଭଞ୍ଜ ହସ୍ପିଟାଲର ଜଣ ଡାକ୍ତରଙ୍କୁ ମାଡ଼ ମରାଯିବା ଘଟଣାରେ ପୋଲିସ ୬ ଆନ୍ଦୋଳନକାରୀଙ୍କୁ ଥାନାକୁ ନେଇ ଅଟକ ରଖିଛି। ଜଳେଶ୍ୱର ଥାନା ଅଧୀନ ଶିଖରପୁର ପଞ୍ଚାୟତ ଚକହରି ଗାଁର ଉତ୍ତମ ଓଝା ଗତ ଶୁକ୍ରବାର ବିଷପାନ କରି ଚିକିତ୍ସା ଲାଗି ଜିକେ ଭଞ୍ଜ ହସ୍ପିଟାଲକୁ ଆସିଥିଲେ। ସେଠାରେ ତାଙ୍କର ମୃତ୍ୟୁ ହେବାରୁ ଡାକ୍ତରଙ୍କ ଅବହେଳାକୁ ଦାୟୀ କରି ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତେଜିତ ଲୋକେ ଡାକ୍ତରଙ୍କୁ ଟଣା ଓଟରା ସହ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ଏନେଇ ଡାକ୍ତର ଥାନାରେ ଅଭିଯୋଗ କରିଥିବା ବେଳେ ମୃତ ଉତ୍ତମଙ୍କ ମା’ ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ ମଧ୍ୟ ଥାନାରେ ଅଭିଯୋଗ କରିଛନ୍ତି।

# ବିଷ୍ଣୁପୁର ସରପଞ୍ଚ ପୁନଃ ଅବସ୍ଥାପିତ

କାଳୀପଦା,୫।୫(ରାଜଶ୍ରୀ ପାଣିଗ୍ରାହୀ)


ମହେଶ୍ୱର ଜେନା।

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅଧୀନ ବିଷ୍ଣୁପୁର ସରପଞ୍ଚ ମହେଶ୍ୱର ଜେନାଙ୍କୁ ତାଙ୍କ ପଦବୀରେ ପୁନଃ ଅବସ୍ଥାପିତ କରିବା ପାଇଁ କୋର୍ଟ ଆଦେଶ ଦେଇଛନ୍ତି। ଏହି ରାୟ ଫଳରେ ପଦବୀ ହରାଇ ଥିବା ସରପଞ୍ଚ ଜେନା ଆଶ୍ୱସ୍ତ ହୋଇଛନ୍ତି। ଜିଲା ସିନିୟର୍ ସିଭିଲ୍ ଜଜ୍ କୋର୍ଟ ଇଲେକ୍ସନ ଅପିଲ୍ ନଂ. ୦୩/୨୪ ତଥା ସିଏନ୍‌ଆର୍ ନଂ. ଓଡିଏସ୍ ନଂ. ୦୧-୦୦୧୩୬୬/୨୪ର ଶୁଣାଣି କରି ଏହି ରାୟ ପ୍ରଦାନ କରିଛନ୍ତି। ବର୍ତ୍ତମାନ ସରପଞ୍ଚ ପଦବୀରେ ଅବସ୍ଥାପିତ ନାଏବ ସରପଞ୍ଚ ତାଙ୍କ ପଦବୀ ଛାଡ଼ିବେ। ପ୍ରକାଶ ଥାଉ କି, ଗତ ମାସ ୨୦ ତାରିଖରେ ଜିଲା ସିଭିଲ୍ ଜଜ୍ କୋର୍ଟ ଏକ ମାମଲାର ଶୁଣାଣି କରି ସରପଞ୍ଚ ଜେନାଙ୍କୁ ଅଯୋଗ୍ୟ ଘୋଷଣା କରିଥିଲେ। ତହିଁ ପରଦିନ ବିଡିଓ ନାଏବ ସରପଞ୍ଚଙ୍କୁ ସରପଞ୍ଚ ପଦବୀରେ ଅବସ୍ଥାପିତ କରିଥିଲେ।

# ଧୋବାଗଡ଼ିଆରେ କଂଗ୍ରେସର ସଂକଳ୍ପ ସମାବେଶ



ସଂକଳ୍ପ ସମାବେଶରେ ମଞ୍ଚାସୀନ ନେତୃବୃନ୍ଦ।

ଖଇରା,୫।୫(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ସିମୁଳିଆ ନିର୍ବାଚନ ମଣ୍ଡଳୀ ଅଧୀନ ଖଇରା ବ୍ଲକର ଧୋବାଗଡିଆଠାରେ କଂଗ୍ରେସର ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କଂଗ୍ରେସ ସଭାପତି ଶରତ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଭଦ୍ରକ ସଂସଦୀୟ କ୍ଷେତ୍ରର ଏମ୍‌ପି ପ୍ରାର୍ଥୀ ଅନନ୍ତ ପ୍ରସାଦ ସେଠୀ ଯୋଗଦେଇ ବକ୍ତବ୍ୟରେ କଂଗ୍ରେସର ବିଭିନ୍ନ ଗ୍ୟାରେଣ୍ଟି ଉପରେ ଆଲୋଚନା କରିଥିଲେ। କଂଗ୍ରେସ ସରକାରକୁ ଆସିଲେ ପ୍ରାଥମିକତା ଭିତ୍ତିରେ ଚାଷୀଙ୍କ ଋଣ ଛାଡ଼ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସିମୁଳିଆ ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ବେହେରା ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାକୁ ସମାଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ସାହୁ, ଯୁବ କଂଗ୍ରେସ ସଭାପତି ନିରଞ୍ଜନ ପରିଡା, ମଧୁମିତା ପଣ୍ଡା, ପ୍ରଜ୍ଞାପାରମିତା ବେହେରା, ମଧୁସୂଦନ ଜେନା, ଜୋନ ସଭାପତି ସଞ୍ଜୟ ଦଳେଇ, ତପନ ଦାସ, ପ୍ରଶାନ୍ତ ପାତ୍ର, ମହିଳା ସଭାପତି ଭାନୁମତି ଦାସ, ମଧୁସ୍ମିତା ଦାସ, ମଧୁସ୍ମିତା ବେହେରା, ଦ୍ରୌପଦୀ ପାତ୍ର, ଭାଗିରଥି ମହାପାତ୍ରଙ୍କ ସମେତ ୩୭ ପଞ୍ଚାୟତରୁ ୨ହଜାରରୁ ଉର୍ଦ୍ଧ୍ୱ କର୍ମୀ ଓ ବୁଥସ୍ତରୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ଦଳ ଛାଡି ଆସିଥିବା ଶତାଧିକ କର୍ମୀ କଂଗ୍ରେସରେ ଯୋଗଦାନ କରିଥିଲେ।

# ୫୦୦ ସପ୍ତାହ ପୂର୍ତ୍ତି ପାଳିଲା ନାଗରିକ ମଞ୍ଚ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ନାଗରିକ ମଞ୍ଚର ସଦସ୍ୟମାନେ।

ବାହାନଗା,୫।୫(ଅରୂପ୍ କୁମାର ଦାସ)

## ସ୍ୱଚ୍ଛ ଭାରତ ଅଭିଯାନ

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁରଠାରେ ଗଢ଼ିଉଠିଥିବା ନାଗରିକ ମଞ୍ଚ ସ୍ୱଚ୍ଛ ଭାରତ ଅଭିଯାନର ୫୦୦ ସପ୍ତାହ ପୂର୍ତ୍ତି ପାଳନ କରିଛି। ଏହି ଅବସରରେ ରବିବାର ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସଫେଇ କାର୍ଯ୍ୟ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ହିମାଂଶୁ ଶେଖର ପୁହାଣ ଯୋଗଦେଇ ନାଗରିକ ମଞ୍ଚର କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏଥିରେ ସଭାପତିତ୍ୱ କରିଥିଲେ ମଞ୍ଚର ଆବାହକ ସୁଦର୍ଶନ ମହାପାତ୍ର। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ରମଣିକାନ୍ତ ମିଶ୍ର , କାର୍ତ୍ତିକ ଚନ୍ଦ୍ର ବିଶ୍ୱାଳ, ରମେଶ ଚନ୍ଦ୍ର ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ମମତା ବେହେରା ଧନ୍ୟବାଦ ଦେଇଥିଲେ। ବିନା ସରକାରୀ ସାହାଯ୍ୟରେ ୧୦୭ ଜଣ ମହିଳା,ପୁରୁଷ ପ୍ରତି ରବିବାର ସକାଳେ ବଜାର,ଶିକ୍ଷାନୁଷ୍ଠାନ, ଶୈବପୀଠ, ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଫେଇ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି। ଏହି ସଫେଇ କାର୍ଯ୍ୟକ୍ରମରେ ମୁକ୍ତିକାନ୍ତ ଯେନା, ପ୍ରଶାନ୍ତ କୁମାର ଦାସ, ଅଭିରାମ ସାହୁ, ବାସନ୍ତୀ ମହାରଣା, ସାବିତ୍ରୀ ସେଠୀ, ପଦ୍ମାବତୀ ମାଝୀ, ମହେଶ୍ୱର ସେନାପତି, ନମିତା ସାହୁ, ଲାବଣ୍ୟ ମିଶ୍ର, ସତ୍ୟମଞ୍ଜରୀ ଦାଶ, ସରୋଜିନୀ ସେଠୀ, ଚଞ୍ଚଳା ଶଙ୍ଖୁଆ, ରାଜେଶ ଖଣ୍ଡେଲୱାଲ, ଅନାଦି ମଣ୍ଡଳ, ବାସନ୍ତୀ ମହାରଣା, ହରିଶ୍ଚନ୍ଦ୍ର ଯେନା, କୈଳାସ ଶିଅଳ ପ୍ରମୁଖ ସ୍ୱେଚ୍ଛାସେବୀମାନେ ସହାୟତା କରିଥିଲେ।

# ଭାଜପାର ବିଶେଷ ସମ୍ପର୍କ ଅଭିଯାନ

ବାଲେଶ୍ୱର,୫।୫(ମାନସ ବିଶ୍ୱାଳ)

ବାଲେଶ୍ୱର ସହରସ୍ଥିତ ଷ୍ଟେଶନ କ୍ଲବ୍ ପରିସରରେ ଭାଜପାର ‘ବିଶେଷ ସମ୍ପର୍କ ଅଭିଯାନ’ ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ ପ୍ରଭାକର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାକାର୍ଯ୍ୟରେ ସଂଯୁକ୍ତା ମହାପାତ୍ର ମଞ୍ଚ ଆହ୍ୱାନ କରିଥିଲେ। ସଂଯୋଜିକା ମମତା ମହାପାତ୍ର ସ୍ୱାଗତ ଭାଷଣ ରଖିଥିଲେ। ସଦର ପ୍ରାର୍ଥୀ ମାନସ କୁମାର ଦତ୍ତ, ବିଶେଷ ଅତିଥି ଭାବେ କେନ୍ଦ୍ରୀୟ ଲୋକସଭା ପ୍ରଭାରୀ ମନୋରଞ୍ଜନ ମିଶ୍ର ଓ ବାଲେଶ୍ୱର ଏମ୍‌ପି ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ୨୫ ବର୍ଷର ବିଜେଡି କୁଶାସନ ବିଷୟରେ ବର୍ଣ୍ଣନା କରିଥିଲେ।

ଏମ୍‌ପି ପ୍ରାର୍ଥୀ ଷଡ଼ଙ୍ଗୀ ସଂକଳ୍ପ ପତ୍ର ବିଷୟରେ କହିଥିଲେ। ଇଷ୍ଟକୋଷ୍ଟ କେନାଲର ପୁନରୁଦ୍ଧାର, ପ୍ରତ୍ୟେକ ବ୍ଲକରେ ଶୀତଳଭଣ୍ଡାର ପ୍ରତିଷ୍ଠା, କୃଷି ମହାବିଦ୍ୟାଳୟ ସ୍ଥାପନ, ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାରୁ ବାଦ୍ ପଡ଼ିଥିବା କୃଷକମାନଙ୍କୁ ଯୋଡ଼ିବା, ମତ୍ସ୍ୟ ମହାବିଦ୍ୟାଳୟ ଓ ମଧୁର ଜଳ ମତ୍ସ୍ୟଚାଷ ଗବେଷଣା କେନ୍ଦ୍ର ସ୍ଥାପନ, ଜଳସେଚନ ବ୍ୟବସ୍ଥା, ଫକୀରମୋହନ ମେଡିକାଲ କଲେଜ ଓ ହସ୍ପିଟାଲରେ ନୂତନ ବିଭାଗଗୁଡ଼ିକ ଖୋଲିବା, ଆୟୁଷ ହସ୍ପିଟାଲ ପ୍ରତିଷ୍ଠାର ସମ୍ପୂର୍ଣ୍ଣକରଣ. ଏମସ୍ ବାଲେଶ୍ୱରର ଓପିଡିର ନିୟମିତକରଣ ରାଜ୍ୟରେ ଭାଜପା ସରକାର ଆସିଲେ ଜିଲାରେ ଖାଲିଥିବା ଡାକ୍ତର ଓ ଶିକ୍ଷକ ପଦବୀ ପୂରଣ କରାଯିବା, ଚିଟଫଣ୍ଡ କ୍ଷତିଗ୍ରସ୍ତ ଲୋକମାନଙ୍କୁ ଟଙ୍କା ଫେରସ୍ତ କରିବା ଭଳି ପ୍ରତିଶ୍ରୁତି ରଖିଥିଲେ। ସଂଯୋଜକ ଡ. କୁମାର ମିତ୍ର ଧନ୍ୟବାଦ ପ୍ରଦାନ କରିଥିଲେ।



ଭାଜପାର ବିଶେଷ ସମ୍ପର୍କ ଅଭିଯାନ ମଞ୍ଚରେ ଅତିଥିମାନେ।

# ବିଜେଡିର ବୁଥସ୍ତରୀୟ କର୍ମୀ ସମ୍ମିଳନୀ

ଲଙ୍ଗଳେଶ୍ୱର(କମଳାକାନ୍ତ ଦାସ)/ ବାଲିଆପାଳ (ଗୋପାଳ ଚନ୍ଦ୍ର ସାହୁ/ ଅମୂଲ୍ୟ କୁମାର ଦାସ)/କାଳୀପଦା (ରାଜଶ୍ରୀ ପାଣିଗ୍ରାହୀ),୫।୫



କର୍ମୀ ସମ୍ମିଳନୀରେ ଉପସ୍ଥିତ ପ୍ରାର୍ଥୀ ଓ କାର୍ଯ୍ୟକର୍ତ୍ତାମାନେ।

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ଲଙ୍ଗଳେଶ୍ୱର ବିଜେଡି କାର୍ଯ୍ୟାଳୟରେ ରବିବାର ବସ୍ତା ନିର୍ବାଚନ ମଣ୍ଡଳୀର ବୁଥସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ହଜାର ହଜାର ସଂଖ୍ୟକ କର୍ମୀ ଯୋଗଦେଇ ବିଧାୟିକା ପ୍ରାର୍ଥିନୀ ସୁବାସିନୀ ଜେନା, ଏମ୍‌ପି ପ୍ରାର୍ଥିନୀ ଲେଖାଶ୍ରୀ ସାମନ୍ତସିଂହାରଙ୍କୁ ଶଙ୍ଖ ଚିହ୍ନରେ ଭୋଟଦେଇ ଜୟଯୁକ୍ତ କରିବା ପାଇଁ ଶପଥ ନେଇଥିଲେ। ଏହି ଅବସରରେ ବସ୍ତା ବ୍ଲକ ବିଜେଡି ସଭାପତି ଅନୀଲ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୂର୍ବତନ ଏମ୍‌ପି ରବୀନ୍ଦ୍ର କୁମାର ଜେନା, ଏମ୍‌ପି ପ୍ରାର୍ଥିନୀ ଲେଖାଶ୍ରୀ, ବିଧାୟିକା ପ୍ରାର୍ଥିନୀ ସୁବାସିନୀ, ବିଜେଡି ନେତା ମାନସ ଦାସ ପଟ୍ଟନାୟକ, ବସ୍ତା ବ୍ଲକ ଅଧକ୍ଷା ଅଞ୍ଜଳୀ ଦାସ, ଆଲୋକ ସାହୁ, ବାଲେଶ୍ୱର ଜିଲା ବିଜେଡି ପ୍ରଭାରୀ ରଞ୍ଜିତ ମହାପାତ୍ର, ବାଲିଆପାଳ ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସ ମଞ୍ଚାସୀନ ହୋଇ ବକ୍ତବ୍ୟ ରଖିଥିଲେ। ବସ୍ତା ବ୍ଲକ ପୂର୍ବତନ ଅଧକ୍ଷ ଲକ୍ଷ୍ମୀଧର ଦାସ, ବିଜେଡି ଜିଲା କୃଷକ ମୋର୍ଚ୍ଚା ସଭାପତି ଅଜୟ ସାମଲ, ଜିଲା ପରିଷଦ ସଦସ୍ୟା ବିଷ୍ଣୁପ୍ରିୟା ବୁଗୁଡି, ବିଜେଡି ବାଲେଶ୍ୱର ଜିଲା ଉପସଭାପତି ସୁବ୍ରତ ପଣ୍ଡା, ବିଜୁ ଜନତା ଦଳର ଛାତ୍ର ସଭାପତି ଶ୍ରୀମନ ଦାସ, ବାଲିଆପାଳ ବ୍ଲକ ବରିଷ୍ଠ ନେତା ଚକ୍ରଧର ଗିରି, ବସ୍ତା ବ୍ଲକ ବରିଷ୍ଠ ନେତା ମହାଦେବ ଦାସ , ଜିଲା ପରିଷଦ ସଦସ୍ୟା କାଞ୍ଚନବାଳା ଜେନା, ଜିଲା ପରିଷଦ ସଦସ୍ୟ ବେଣୁଧର ଜେନା, ଶ୍ରୀରାମପୁର ପଞ୍ଚାୟତର ସରପଞ୍ଚ ଦେବ କୁମାର ଦେ, ବରିଷ୍ଠ ନେତା ଭଗବାନ ଚନ୍ଦ୍ର ଗିରି, ବିଜେଡି ଜିଲା ଯୁଗ୍ମ ସମ୍ପାଦକ ହାଡ଼ିବନ୍ଧୁ ରାଉତ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ୫୦ରୁ ଅଧିକ ବିଭିନ୍ନ ଦଳର ବରିଷ୍ଠ କର୍ମୀ ବିଜେଡିରେ ସାମିଲ ହୋଇଥିଲେ।

